ଧରିତ୍ରୀ
DHARITRI
November 28 - December 04, 2021 ₹ 2/-

ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ



# ଓଡ଼ିଶାର ଟସର

**ଫ୍ୟାଶନ ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ରଖିଥିବା ଟସର୍ ପାଇଁ ଓଡ଼ିଶାର ରହିଛି ବେଶ୍ ନାଁ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ଚାଷ କରାଯାଉଥିବାବେଳେ ଏହାଦ୍ୱାରା ଉଭୟ ଚାଷୀ ଓ ବ୍ୟବସାୟୀ ଉପକୃତ ହେଉପାରୁଛନ୍ତି...**

୧୧



# କଇଁଛ ପ୍ରତୀମା କେତେ ଦରକାରୀ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ସତ କଇଁଛ ବା କଇଁଛର ପ୍ରତୀମା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ମହାପ୍ରଭୁ ବିଷ୍ଣୁଙ୍କର ଦଶାବତାର ମଧ୍ୟରୁ କଚ୍ଛପ ବା କଇଁଛ ଅବତାର ହେଉଛି ଗୋଟିଏ। ତେଣୁ ଯେଉଁ ଘରେ କଇଁଛ ଅବା କଇଁଛର ପ୍ରତୀମା ଥାଏ ସେହି ଘର ଉପରେ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କର କୃପା ଦୃଷ୍ଟି ରହିଥାଏ। ସତ କଇଁଛ ରଖିବା ଯେହେତୁ ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ, ତେଣୁ କଇଁଛ ପ୍ରତୀମା ଘରେ ରଖିଲେ କି କି ଶୁଭଫଳ ମିଳିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ଯେ କୌଣସି ଧାତୁର କଇଁଛ ପ୍ରତୀମା ହେଉନା କାହିଁକି ତାହାକୁ ଘରର ଉତ୍ତର ଦିଗ, ପୂର୍ବ ଦିଗ ଅଥବା ଉତ୍ତର ପୂର୍ବ କୋଣରେ ରଖିବା ଦରକାର। ସେହିପରି ତାକୁ ଏମିତି ରଖନ୍ତୁ, ଯେମିତି ତା'ର ମୁଖ ଉତ୍ତରପୂର୍ବ କୋଣ ଆଡକୁ ରହୁଥିବ। କିନ୍ତୁ କେବେ ବି କଇଁଛର ମୁଖ ସଦର ଦରଜା ଆଡ଼କୁ ରଖିବେ ନାହିଁ।

*କଇଁଛ ପ୍ରତୀମାକୁ ସର୍ବଦା ଗୋଟିଏ ପାତ୍ରରେ କିଛି ଗଙ୍ଗାଜଳ ନେଇ ତା' ଭିତରେ ଅଧା ପର୍ଯ୍ୟନ୍ତ ବୁଡେଇକି ରଖିନ୍ତୁ। ଆଉ ପ୍ରତିଦିନ ସେହି ପାଣିକୁ ବଦଳାନ୍ତୁ। ହେଲେ ଶୟନ କକ୍ଷରେ ରଖୁଥିବା କଇଁଛର ପ୍ରତୀମାକୁ କେବେ ବି ପାଣିରେ ବୁଡେଇକି ରଖିବେ ନାହିଁ। ବରଂ ତାହାକୁ ଶୁଖିଲା ରଖିବେ ଏବଂ ପ୍ରତିଦିନ ଶୁଖିଲା କପଡ଼ାରେ ପୋଛି ଦେଉଥିବେ। ଏପରି କଲେ ଘରେ ଧନବୃଦ୍ଧି ହେବା ସହ ଶାନ୍ତି ବଜାୟ ରହିଥାଏ।

*କୁହାଯାଏ, ଘରେ କଇଁଛ ପ୍ରତୀମା ରଖିଲେ ଘରର ସଦସ୍ୟଙ୍କର ଆୟୁଷ ବୃଦ୍ଧି ହେବା ସଙ୍ଗେସଙ୍ଗେ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥାଏ। ଅନ୍ୟପକ୍ଷେ ଯଦି କୌଣସି ମହିଳାଙ୍କର ପିଲାପିଲି ହେଉ ନ ଥାଏ, ତା'ହେଲେ ଘରେ କଇଁଛ ପିଠି ଉପରେ ଛୁଆ କଇଁଛ ବସିଥିବା ପ୍ରତୀମା ରଖନ୍ତୁ ; ଯଦ୍ଦ୍ୱାରା ଖୁବ୍ ଶୀଘ୍ର ତାଙ୍କୁ ଶୁଭଖବର ମିଳିଯିବ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୨୮ - ଡିସେମ୍ବର ୪

### ମେଷ



ମାନସିକ ସ୍ଥିରତା, ଯାତ୍ରାରେ ଅଭିଳଷିତ ଫଳ, ଆମୋଦପ୍ରମୋଦର ମଉକା, ଆନୁଷ୍ଠାନିକ ସହଯୋଗ, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟସ୍ୱଜନଙ୍କ ପକ୍ଷପାତିତା, ଆଶା ଦିଗରୁ ଅର୍ଥପ୍ରାପ୍ତି, ଇଚ୍ଛାବିରୁଦ୍ଧରେ କାମ, ପଶ୍ଚାତାପ କରିବେ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ॥

### ବୃଷ



ଆରୋଗ୍ୟଲାଭ, ସମ୍ପର୍କ ଯୋଡିବେ, ପରକଥାକୁ ବିଶ୍ୱାସ, ହଇରାଣରେ ପଡିପାରନ୍ତି, ଧୈର୍ଯ୍ୟଚ୍ୟୁତି ଘଟିପାରେ, ପରିସ୍ଥିତିର ମୁକାବିଲା, ସାମୟିକ ବିବ୍ରତ, ଭ୍ରମଣ ହେତୁକକ୍ଲାନ୍ତି, ଧନହାନୀରୁ ଅବସାଦ ॥

### ମିଥୁନ



କଠିନ ପରିଶ୍ରମ, ଆର୍ଥିକ ଉନ୍ନତି, ପ୍ରତୀକ୍ଷିତ ଖବର ପାଇବେ, ସଙ୍କୁଚିତ ବ୍ୟବସାୟ, ଭ୍ରାତୃସମ୍ପର୍କରେ ଉନ୍ନତି, ଅତିଥିଚର୍ଚ୍ଚାରୁ ଆତ୍ମତୃପ୍ତି, ନୂତନ ସମ୍ପର୍କ ଯୋଡିବେ, ଭ୍ରମଣ ହେତୁକ କ୍ଲାନ୍ତି, ମାନସିକ ଅବସାଦ, ସ୍ୱଜନ ଶତ୍ରୁତା ॥

### କର୍କଟ



ଶାରୀରିକ ଅସୁସ୍ଥତା, ଭ୍ରାତୃ ସହଯୋଗ, ସଫଳତାରେ ଆନନ୍ଦ, ପୈତୃକ ସମ୍ପତିରେ ବିବାଦ, ଭୁଲ କାମ କରିପାରନ୍ତି, ବ୍ୟବସାୟରେ ପ୍ରତିଦ୍ୱନ୍ଦିତା। ବନ୍ଧୁଦ୍ୱାରକୁ ଗମନ, ମିତ୍ରତା କରିପାରନ୍ତି, ସମସ୍ୟାର ସରଳ ସମାଧାନ।

### ସିଂହ



ବନ୍ଧୁଙ୍କ ପରାମର୍ଶ, ସହଯୋଗରୁ ସମାଧାନ, ସ୍ଥଗିତ କର୍ମାରମ୍ଭ, ଉପରିସ୍ଥଙ୍କ ତାଗିଦ୍, କୈଫିୟତ୍ ତଲବ, ସ୍ତ୍ରୀଙ୍କ ପ୍ରେରଣା, ଖୁସିଗପର ଆସର, ଅତିଥି ଚର୍ଚ୍ଚାର ଆନନ୍ଦ, ସତ୍‌ସଙ୍ଗର ସୁଯୋଗ, ସହମତିରେ ସଫଳତା ॥

### କନ୍ୟା



ଫଳପ୍ରଦ ଯାତ୍ରା, ସଭାସମିତିକୁ ନିମନ୍ତ୍ରଣ, ସମ୍ମାନନୀୟଙ୍କ ଆଦର, ଲେଖାପଢ଼ାରେ ଆଗ୍ରହ, ନୂତନ ଦାୟିତ୍ୱ ନେବେ। ବିବାଦର ସୂଚନା, କାର୍ଯ୍ୟବ୍ୟସ୍ତତା ବଢିବ, ମାମଲାର ଦୁଃଶ୍ଚିନ୍ତା, ସାମ୍ବାଦିକତାରେ ପ୍ରଂଶସା ॥

### ତୁଳା



ମାନସିକ ସ୍ଥିରତା, ବନ୍ଧୁମିଳନ, ଅଧସ୍ତନଙ୍କ ଅନୁରକ୍ତି, ଗୃହସମସ୍ୟା ବଢିବ, ଅନୁଷ୍ଠାନିକ କାର୍ଯ୍ୟାରମ୍ଭ, ଯାନ୍ତ୍ରିକ ଶିଳ୍ପରେ ବାଧା, ପରିବହନରେ ସମସ୍ୟା, ଯାନ୍ତ୍ରିକ ତ୍ରୁଟି, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସମ୍ପର୍କୀୟଙ୍କ ସମାଲୋଚନା ॥

### ବିଛା



ଅର୍ଥ ସମ୍ମାନ ପାଇବେ, ଭାରାକ୍ରାନ୍ତ ମନ, ବନ୍ଧୁଙ୍କ ସ୍ୱାର୍ଥପରତା, ଦ୍ରବ୍ୟନଷ୍ଟରୁ ମନସ୍ତାପ, କାର୍ଯ୍ୟକଳାପରେ ତ୍ରୁଟି, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥତା, ଅପବ୍ୟୟରୁ ଅନୁତାପ, କ୍ରନିକ୍ ରୋଗର ଦାଉ ॥

### ଧନୁ



ହାତ ପାହାନ୍ତାରେ ସୁଯୋଗ ପଡୋଶୀଙ୍କ ଇର୍ଷାପରାୟଣତା, କାମରେ ପ୍ରତିବନ୍ଧକ, ନିଜ ଲୋକଙ୍କ ବିଶ୍ୱାସଘାତକତା। ନିର୍ମାଣରେ ରୋକ୍, ମୂଲ୍ୟବାନ ଜିନିଷ କ୍ରୟ, ପାରିବାରିକ ପକ୍ଷପାତିତା, ଜମିଜମା ଖରିଦ, ଗୋଡ ଜଖମ ହୋଇପାରେ।

### ମକର



ବନ୍ଧୁତ୍ୱ ବିଗିଡିବ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ଭୁଲ୍ ବୁଝାମଣା, ସମସ୍ୟା ବଢିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସରକାରୀକ୍ଷେତ୍ରରୁ ଲାଭ, ଧର୍ମଚର୍ଚ୍ଚା ପ୍ରତି ରୁଚି, ବ୍ୟଥିତ ହୋଇପାରନ୍ତି, ନିଷ୍ପତି ବଦଳିଯିବ, ମାନସିକ ଅସ୍ଥିରତା ॥

### କୁମ୍ଭ



ଆତ୍ମୀୟଙ୍କ ସାହାଯ୍ୟ, ଆନୁଷ୍ଠାନିକ ସମ୍ମାନ, ଅହେତୁକ ଚିନ୍ତା, ବନ୍ଧୁ ଭୁଲ୍ ବୁଝିବେ, ଅଧାପନ୍ତରିଆ କାମ, ବ୍ୟୟବୃଦ୍ଧିର ଅନୁଚିନ୍ତା, ଋଣ କରିପାରନ୍ତି, ପାରିବାରିକ ମତାନ୍ତର, ସମ୍ପର୍କହାନୀ, ବିବାହ ପ୍ରସ୍ତାବ ଆସିବ, ଗୁରୁଜନଙ୍କ ପ୍ରେରଣା ॥

### ମୀନ



ଆସ୍ଥା ହରାଇବେ, ବିବାଦୀୟ ହୋଇପାରନ୍ତି, ଠକାମିରେ ପଡିବେ, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା, ଆଶାନୁଯାୟୀ ଅର୍ଥପ୍ରାପ୍ତି, ଦୂରଯାତ୍ରାର ମସୁଧା, କଳାରେ ଉତ୍କର୍ଷତା, ବନ୍ଧୁମିଳନରୁ ଆନନ୍ଦ, ବିଦେଶଯାତ୍ରାର ସୁଯୋଗ, ଅଶୌଚ ଖବରରୁ ବିସ୍ମୟ ॥

# କ୍ଷୀର ଉତୁରିବା ଭଲ ନା ଖରାପ?

ବେଳେବେଳେ ଅନ୍ୟମନସ୍କତା ଯୋଗୁ ଗ୍ୟାସ୍‌ରେ ବସିଥିବା କ୍ଷୀର ଉତୁରିଯାଏ। ଏହି କ୍ଷୀର ଉତୁରିବାକୁ କିଏ ଶୁଭ ସୂଚନା ବୋଲି କହିଥାନ୍ତି ତ ଆଉ କିଏ ଏହାକୁ ଖରାପ ସଙ୍କେତ ବୋଲି ଭାବି ନେଇଥାନ୍ତି। ତେବେ ଅନେକ ସମୟରେ ଦେଖାଯାଏ, କେହି କେହି ନୂଆଘରକୁ ପ୍ରବେଶ କରିବା ପୂର୍ବରୁ ପ୍ରଥମେ କ୍ଷୀରକୁ ଗ୍ୟାସ୍‌ରେ ବସାଇ ଉତୁରାଇଥାନ୍ତି। ସେମାନଙ୍କ ଧାରଣା, ଏପରି କଲେ ଘରେ କୁଆଡ଼େ ସୁଖଶାନ୍ତି ବଜାୟ ରହିବା ସହ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହୋଇଥାଏ। ଜ୍ୟୋତିଷଶାସ୍ତ୍ରରେ ମଧ୍ୟ ସେୟା ହିଁ ଉଲ୍ଲେଖ ଅଛି। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, କ୍ଷୀର ସିଝୁଥିବା ସମୟରେ ଉତୁରିବା ଏକ ଭଲ ସଙ୍କେତ। କିନ୍ତୁ ଏହି କ୍ଷୀର ଉତୁରିକି ସିଝୁଥିବା ବାସନ ଚାରିପଟେ ହିଁ ଲାଗିଥିବ, ଗ୍ୟାସ୍ ଉପରେ ପଡି ନ ଥିବ।



କାରଣ କ୍ଷୀର ସିଝୁଥିବା ବାସନ ଛଡ଼ା କ୍ଷୀର ଯଦି ଗ୍ୟାସ ଉପରେ କିମ୍ବା ବୋହିକି ତଳେ ପଡିଲା, ତା'ହେଲେ ତାହା ଶୁଭ ନୁହେଁ। ସେହିପରି କୁହାଯାଏ, ଅଣ୍ଡା କ୍ଷୀର ଗ୍ଲାସ୍‌ରୁ ଢାଳି ହୋଇଯିବା ଅବା ହାତରୁ ଖସି ତଳେ ପଡିଯିବା ଜମାରୁ ଶୁଭ ସୂଚନା ନୁହେଁ। ଏମିତି ଯଦି ହୋଇଥାଏ ତା'ହେଲେ ଆଗକୁ କିଛି ବିପଦ ଆସୁଛି ବୋଲି ସତର୍କ ହୋଇଯିବା ଉଚିତ୍।

# ପାଠକୀୟ

*ଶିଶୁ ଦେଶର ଭବିଷ୍ୟତ କିନ୍ତୁ ପରିସ୍ଥିତି ପରିବେଶ ସବୁ ଶିଶୁଙ୍କ ପାଇଁ ଅନୁକୂଳ ନଥାଏ, ଯେଉଁଥିପାଇଁ ଲାଗେ ତାଙ୍କ ଭବିଷ୍ୟତ ଅନ୍ଧାର। ହେଲେ ଏମିତି ଅନେକ ଅଛନ୍ତି ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ଥିବା ଶିଶୁଙ୍କ ଭବିଷ୍ୟତ ସଜାଡ଼ିବା ଦାୟିତ୍ୱ ନେଇଛନ୍ତି, ଆଉ ପାଲଟି ଯାଇଛନ୍ତି ଶିଶୁମାନଙ୍କର ଦରଦୀ ବନ୍ଧୁ। ତେଣୁ ଏଭଳି ଏକ ସମୟୋପଯୋଗୀ ତଥା ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମର୍ମସ୍ପର୍ଶୀ ହୋଇପାରିଥିଲା। ସେହିପରି 'ଘଣ୍ଟା କେଉଁ ଦିଗରେ ଲଗାଇବେ' ଏବଂ 'ହଠାତ୍ ପିମ୍ପୁଡ଼ି ବାହାରୁଥିଲେ' ଆଦି ପାଠଦୁଇଟି ବି ବେଶ୍ ଶିକ୍ଷଣୀୟ ଥିଲା।

*–ମୋନାଲି ଚୌଧୁରୀ, ମୟୂରଭଞ୍ଜ*

*ଶିଶୁ ହସିଲେ ଦେଶ ହସିବ। ଶିଶୁମାନେ ଦେଶର ଭବିଷ୍ୟତ। ହେଲେ ବେଳେବେଳେ ପରିସ୍ଥିତି ସେମାନଙ୍କ ମୁହଁରୁ ହସ ଝଡ଼ାଇନିଏ ଆଉ ତାଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦିଏ। ଏଭଳି ସ୍ଥିତିରେ କେତେଜଣ ମହାନ୍ ବ୍ୟକ୍ତି ଆଗେଇ ଆସି ଏହି ଅବହେଳିତ ଶିଶୁମାନଙ୍କର ଭବିଷ୍ୟତକୁ ସଜାଡିବାକୁ ଚେଷ୍ଟା କରିଥାନ୍ତି। ସେମିତି କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗ 'ଶିଶୁଙ୍କ ଦରଦୀ ବନ୍ଧୁ'ରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଅନ୍ୟପକ୍ଷେ ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ନାଁ କମାଇଥିବା କେତେଜଣ ପ୍ରଭିତାବାନ୍ ଶିଶୁଙ୍କ ସମ୍ପର୍କରେ ବି ଏଥରର ଛୁଟିଦିନରୁ ଜାଣିହେଲା।

*–ରାକେଶ ସ୍ୱାଇଁ, ପିକେଆର୍‌ଆଇଟି କଲୋନୀ, ପୁରୀ*

*ବ୍ୟକ୍ତିତ୍ୱ ପୃଷ୍ଠାରୁ ସୁ–ଚିକିତ୍ସିକା, ଲେଖିକା ତଥା ଅଭିନୟ କ୍ଷେତ୍ରରେ ବି କିଛିଟା ନାଁ କମାଇଥିବା ଡା. ମଞ୍ଜୁବାଳାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପୁନରାବୃତ୍ତି' ନାମକ ଗପଟି ବି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'କଙ୍ଗନାଙ୍କ କାହାଣୀ ମିଶନ', 'ସାନ୍ୟା ଯାହା ଖୋଜୁଥିଲେ' ଏବଂ 'ପ୍ରଥମେ ଇରଫାନ୍ ପରେ ଭିକି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ଅତି ସୁନ୍ଦର ହୋଇପାରିଥିଲା।

*–ସରୋଜିନୀ ପ୍ରଧାନ, ଝାରସୁଗୁଡ଼ା*

*ପ୍ରଥମ ରୋଜଗାର ସ୍ତମ୍ଭରୁ 'କବି, ନାଟ୍ୟକାର, ନାଟ୍ୟ ଅଭିନେତା' ବଂଶୀଧର ପଣ୍ଡାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି ମୋ ମନକୁ ଏହା ବେଶ୍ ଛୁଇଁଗଲା। ସେହିପରି ସାଥୀ ସ୍ତମ୍ଭରେ ସ୍ଥାନିତ ଉତ୍ତରଗୁଡ଼ିକ ବି ଭାରୀ ରୋମାଣ୍ଟିକ୍ ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ପୋଲ୍‌କା ଡଟ୍ ଫ୍ୟାଶନ' ସମ୍ପର୍କରେ ବି ଅନେକ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ପ୍ରିୟମ୍ବଦା ମଧ୍ୟ ଭାରୀ ସୁନ୍ଦରୀ ଲାଗୁଥିଲେ।

*–କୈଳାଶ ଚନ୍ଦ୍ର ବଳବନ୍ତରାୟ, ରାୟପୁର*

## ବିଶେଷ ଚିଠି



ଆକାଶରେ ଜହ୍ନ ଯେମିତି
ଧରିତ୍ରୀର ତୁମେ ସେମିତି
ଚମକୁଥିଲ, ଚମକୁଛ ଆଉ
ଏମିତି ଚମକୁଥିବ ସାରାଦିନ।
ହେ ମୋର ପ୍ରିୟ ଛୁଟିଦିନ
ତୁମ ପାଇଁ ପ୍ରଭୁଙ୍କ ପାଶେ
କରୁଛି ନିବେଦନ
ସଦୟ ହୁଅନ୍ତୁ ତୁମକୁ ସିଏ
ଏମିତି ସବୁଦିନ।

*–ବିଶ୍ୱରଞ୍ଜନ ସାହୁ, ନିଆଳି, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ଓଡ଼ିଶାର ଟସର

**ଫ୍ୟାଶନ ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ରଖୁଥିବା ଟସର୍ ପାଇଁ ଓଡ଼ିଶାର ରହିଛି ବେଶ୍ ନାଁ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର ଚାଷ କରାଯାଉଥିବାବେଳେ ଏହାଦ୍ୱାରା ଉଭୟ ଚାଷୀ ଓ ବ୍ୟବସାୟୀ ଉପକୃତ ହେଉପାରୁଛନ୍ତି...**



ଶାଢ଼ି ହେଉ ବା ପୋଷାକ ଟସର୍‌ର ରହିଛି ଏକ ସ୍ୱତନ୍ତ୍ର ମର୍ଯ୍ୟାଦା। ଖାଲି ଆମ ରାଜ୍ୟରେ ନୁହେଁ ଦେଶ ବିଦେଶର ଫ୍ୟାଶନ ଇଣ୍ଡଷ୍ଟ୍ରୀରେ ବି ଏହାର ଆଦୃତି ବହୁତ। ବିଭିନ୍ନ ଜାଗାରେ ଟସର୍‌ର ଉତ୍ପାଦନ ହେଉଥିଲେ ବି ଓଡ଼ିଶା ଟସର୍‌ର ଦେଶ ବିଦେଶରେ ଭିନ୍ନ ପରିଚୟ ରହିଛି। ତେବେ ସୁନ୍ଦରଗଡ଼ ଜିଲା ରାଜ୍ୟରେ ଟସର ଉତ୍ପାଦନ ପାଇଁ ତୃତୀୟ ସ୍ଥାନରେ ରହିଥିବାବେଳେ ମାନଯୁକ୍ତ ଟସର ଉତ୍ପାଦନରେ ଏହି ଜିଲା ପ୍ରଥମ। ଜିଲାର ପ୍ରାୟ ୫ଟି ବ୍ଲକରେ ବ୍ୟାପକ ଟସର ଚାଷ ହେଉଛି। ଏହା ଦ୍ୱାରା ଟସର ଖୋଷାରୁ ସୂତା ବାହାର କରି ସେଥିରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଜିଲା ପ୍ରଶାସନ ଉଦ୍ୟମରେ ପ୍ରୋତ୍ସାହନ ବି ମିଳୁଛି। ରେଶମ ଶିଳ୍ପ ସୁନ୍ଦରଗଡ଼ର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ମଲ୍ଲିକ କୁହନ୍ତି, ଉନ୍ନତ ମାନର ଟସର ଯୋଗୁ ଏହି ଜିଲାର ପ୍ରାୟ ୫ ଏକର ଜମିରେ ଏକ ସିଲ୍‌କ ପାର୍କ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଏଥିପାଇଁ ପ୍ରାୟ ୨୪କୋଟି ଟଙ୍କା ବିନିଯୋଗ କରାଯାଇଛି। ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗ ଦ୍ୱାରା ଏହି ପ୍ରକଳ୍ପକୁ ଅନୁମୋଦନ ପାଇଁ ପ୍ରସ୍ତୁତି ହୋଇଛି। ଏହା ରାଜ୍ୟର ୨ୟ ଟସର ସିଲ୍‌କ ପାର୍କ ଭାବେ ପ୍ରତିଷ୍ଠା ହେବ, ଯାହାକି ଆସନ୍ତା ୧-୨ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଜିଲାରେ ଥିବା ପ୍ରାୟ ୯ଟି ଟସର ଖଣିଜ ପ୍ରତିଷ୍ଠାନ ସମବାୟ ସମିତି-ଟିଆରସିଏସ୍‌କୁ ନେଇ ସିଲ୍‌କ ପାର୍କ ପ୍ରତିଷ୍ଠା କରାଯିବ। ଏଥିପାଇଁ ଜିଲାରେ ଥିବା ବଡ଼ଗାଁ ଟସର ସମବାୟ ସମିତି , ବିଶ୍ରା ଟ.ସ.ସ.ରେ ପ୍ରାୟ ୧୫୦ ହେକ୍ଟର, ଖୁଣ୍ଟଗାଁରେ ପ୍ରାୟ ୧୦୦ ହେକ୍ଟର, ବଡ଼ଗାଁରେ ପ୍ରାୟ ୮୦ ହେକ୍ଟର, ଲହୁଣିପଡ଼ାରେ ପ୍ରାୟ ୧୦୦ ହେକ୍ଟର, ବିମଳାଗଡ଼ରେ ପ୍ରାୟ ୨୦-୩୦ ହେକ୍ଟର ଏବଂ ଦଲିକିରେ ୫୦ ହେକ୍ଟର ଜାଗାରେ ଟସର ଖୋଷା ଉତ୍ପାଦନ ହେଉଛି। କିନ୍ତୁ ଏହି ଜିଲାରେ ପ୍ରାୟ ୬୦୦୦ରୁ ଊର୍ଦ୍ଧ୍ୱ ଟସର ଚାଷୀ ଅଛନ୍ତି। ସେଥିମଧ୍ୟରୁ ୩୦୦୦ରୁ ଊର୍ଦ୍ଧ୍ୱ ବର୍ତ୍ତମାନ ସକ୍ରିୟ ଅଛନ୍ତି। ଚଳିତବର୍ଷ ଖୁଣ୍ଟଗାଁ ଟ.ସ.ସ.ରେ ୩୦ ହେକ୍ଟର, ଦଲିକି ୩୦ ହେକ୍ଟର, ସରସରାରେ ୨୦ ହେକ୍ଟରରେ ନୂଆ କରି ଅସନ, ଅର୍ଜୁନ ବୃକ୍ଷରୋପଣ କରାଯାଇଛି। ୨୦୨୦-୨୧ରେ ପ୍ରାୟ ୫,୪୨୫ କାହାଣ (୧କାହାଣ ପ୍ରାୟ୧୬ଶହ ଖୋଷା) ଖୋଷା ଉତ୍ପାଦନ ହୋଇପାରିଛି, ଯାହାର ମୂଲ୍ୟ ୨ କୋଟି ଟଙ୍କା ହେବ। ସେହିପରି ଚଳିତବର୍ଷରୁ ଖୋଷା ଉତ୍ପାଦନ ଚାଲୁ ରହିଛି। ଆନୁମାନିକ ପ୍ରାୟ ୫୮୦୦ କାହାଣ ଖୋଷା ଉତ୍ପାଦନ ହେବ, ଯାହାର ମୂଲ୍ୟ ୨ କୋଟି ହେବ। ଟସର ଚାଷୀଙ୍କ ସହ ଗ୍ରାମୀଣ ଉଦ୍ୟୋଗୀ ଓ ଅନ୍ୟମାନଙ୍କୁ ଏଥିରେ ଯୋଡ଼ାଯିବ। ଜିଲାର ବଣାଇ, କୋଇଡ଼ା, କିରେଇ, ଲହୁଣିପଡ଼ା, ବିଶ୍ରା ଓ ବଡ଼ଗାଁ ବ୍ଲକରେ ବ୍ୟାପକ ଟସର ଚାଷ କରାଯାଉଛି। ଏହି କ୍ଷେତ୍ରରେ ପ୍ରାୟ ୩ ହଜାରରୁ ଅଧିକ ଚାଷୀ ଏଥିରେ ନିର୍ଭରଶୀଳ। କିନ୍ତୁ ଜିଲା ରେଶମ ନିର୍ଦ୍ଦେଶାଳୟ ଟିଆରସିଏସ୍ ମାଧ୍ୟମରେ ଟସର ଚାଷୀମାନଙ୍କୁ ବିହନ ଯୋଗାଇ ଦେବାଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇଦେଉଛି। ଚାଷୀମାନେ ଟିଆରସିଏସ୍‌ଠାରୁ ରୋଗମୁକ୍ତ ଅଣ୍ଡା ନେଇ ଚାଷ ଆରମ୍ଭ କରୁଛନ୍ତି। ଟସର ଖୋଷା ଉତ୍ପାଦନ ପରେ ତାହାକୁ ଟିଆରସିଏସ୍‌ଙ୍କୁ ବିକ୍ରି କରୁଛନ୍ତି। ସେହିପରି ଟିଆରସିଏସ୍ ରାଜ୍ୟ ସରକାରଙ୍କ ସଂସ୍ଥା ସେରିଫେଡ୍ କିଣିନେଇ ବିକ୍ରି କରିଥାଏ। ପାର୍କ ଆରମ୍ଭ ହେଲେ ସଏଲ ଟୁ ସିଲ୍‌କ ପରିକଳ୍ପନାର ବାସ୍ତବ ରୂପ ନେବ। ଚାଷୀମାନେ ଭଲ ଲାଭବାନ୍ ହୋଇପାରିବେ। ସାଧାରଣତଃ ଟସର ଚାଷରେ ଦୁଇଟି ପର୍ଯ୍ୟାୟରେ ବିହନ ପାଇଁ ଚାଷ ବା ସିଡ୍ କ୍ରପ କରାଯାଇଥାଏ। ଏହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କରାଯାଏ। ଏହି ଚାଷରୁ ବ୍ୟାପକ ପରିମାଣର ଅଣ୍ଡା ବା ବିହନ ଉତ୍ପାଦନ କରି ସେଥିରେ ବ୍ୟବସାୟିକ ଚାଷ ହୋଇଥାଏ। ନଭେମ୍ବର-ଡିସେମ୍ବର ମାସ ବେଳକୁ ବ୍ୟବସାୟିକ ଚାଷରୁ ଖୋଷା ଅମଳ ହୋଇଥାଏ। ଟସର ପୋକ ଅର୍ଜୁନ ଓ ଅସନ ଗଛର ପତ୍ର ଖାଇ ବଢ଼େ। ସୁନ୍ଦରଗଡ଼ ଜିଲାରେ ପ୍ରାକୃତିକ ଉପାୟରେ ତଥା ବନୀକରଣ ମାଧ୍ୟମରେ ଏହା ସୃଷ୍ଟି ହୋଇଛି। ୧୭୦୦ ହେକ୍ଟରରୁ ଅଧିକ ଅସନ ଗଛର ଜଙ୍ଗଲ। ଏହି ଜଙ୍ଗଲରେ ଥିବା ଗଛଗୁଡ଼ିକରୁ ଟିଆରସିଏସ୍ ମାଧ୍ୟମରେ ଚାଷୀଙ୍କ ଭିତରେ ବାଣ୍ଟି ଦିଆଯାଇଛି। ଚାଷୀମାନେ ଟସର ପୋକରୁ ପୁଣି ଖୋଷା ହେଲା ପର୍ଯ୍ୟନ୍ତ ତାହାର ରକ୍ଷଣାବେକ୍ଷଣ କରିଥା'ନ୍ତି। ଏହି ଚାଷରୁ ଚାଷୀମାନେ ଭଲ ଦି' ପଇସା ରୋଜଗାର କରୁଛନ୍ତି। ଅନ୍ୟପକ୍ଷେ କେତେକ ଚାଷୀ ଟସର ଚାଷ ସହିତ ଧାନ ଏବଂ ପନିପରିବା ଚାଷ କରଥା'ନ୍ତି। କିନ୍ତୁ ଟସରରୁ ଅଧିକ ରୋଜଗାର ମିଳିଥାଏ। ବର୍ଷକୁ ଦୁଇଥର ଏହି ଚାଷରୁ ଚାଷୀ ଉପକୃତ ହୋଇଥା'ନ୍ତି।

**ଆଗରେ ମହିଳା ଚାଷୀ**-ମହିଳା ସଶକ୍ତୀକରଣ ଯୋଜନା ମାଧ୍ୟମରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମହିଳା ଚାଷୀଙ୍କୁ ଏଥିପ୍ରତି ସହାୟତା ଯୋଗାଇ ଦିଆଯାଇଛି। ଫଳରେ ସେମାନେ ଏହି ଚାଷ କରି ଆର୍ଥିକ ଭାବେ ସଶକ୍ତ ହୋଇପାରୁଛନ୍ତି। ବଣାଇ ଲହୁଣିପଡ଼ା ବ୍ଲକରେ ୧୭୦୦ରୁ ଅଧିକ ମହିଳା ଟସର ଚାଷୀ ଅଛନ୍ତି। ସେମାନଙ୍କୁ ନେଇ ବିଭିନ୍ନ ଗୋଷ୍ଠୀ ମଧ୍ୟ ଗଠନ →









କରାଯାଇଛି। ଟିଆରସିଏସ୍ ମାଧ୍ୟମରେ ୫ ବର୍ଷ ହେଲା ସେମାନେ ଟସର ଚାଷ କରୁଛନ୍ତି। ପ୍ରତିବର୍ଷ ଭଲ ରୋଜଗାର ମିଳିପାରୁଛି। ଏହି ଜିଲାରେ ଉନ୍ନତ ମାନର ଟସର ମିଳୁଛି। ଏଥିଯୋଗୁ ଏହି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି।  ଟସର ଚାଷ ଓ ଟସର ଲୁଗା ଉତ୍ପାଦନର ଅନେକ ସୁଯୋଗ ଅଛି। ଏହା ଦ୍ୱାରା ଏଠାରେ ଲୋକମାନେ ଅଧିକ ଆୟ କରି ଏହି ଟସରକୁ ଅନ୍‌ଲାଇନରେ ବିକ୍ରି କରିଥାନ୍ତି। ଅତ୍ୟାଧୁନିକ ଟସର ସିଲ୍‌କ ପାର୍କରେ ନର୍ସରୀ, ଗୋଦାମଘର, ତାଲିମକେନ୍ଦ୍ର, ଡିଜାଇନ ଓ ଉତ୍ପାଦନ କେନ୍ଦ୍ର ଇତ୍ୟାଦି ବ୍ୟବସ୍ଥା କରାଯିବାର ପଦକ୍ଷେପ ନିଆଯାଇଛି।

**ମୟୂରଭଞ୍ଜର ଟସର–** ମୟୂରଭଞ୍ଜ ଜିଲା ଅନ୍ତର୍ଗତ ସାରସକଣା ବ୍ଲକ ଅଧୀନ ଦାନଦର ଗ୍ରାମର ଟସର ଚାଷୀ ମୁକୁନ୍ଦ ନାଏକ କୁହନ୍ତି, ଏହି ଜିଲାରେ ବିଶେଷକରି ପ୍ରାୟ ୫୦୦ ବର୍ଷ ଧରି ଟସର ଚାଷ ଜାରି ରହିଛି। ବର୍ଷକୁ ପ୍ରାୟ ୩ କୋଟି ଟଙ୍କାରୁ ଅଧିକ ଟଙ୍କାର ଟସର ଉତ୍ପାଦନ ହୋଇପାରୁଛି। ପ୍ରତ୍ୟେକ ଚାଷୀ ଲକ୍ଷାଧିକ ଟଙ୍କାର ଲାଭ ପାଇଥାନ୍ତି। ଜାମୁକୁଣ୍ଡା ଗ୍ରାମର ଚାଷୀ ମହେନ୍ଦ୍ର ସିଂ କହନ୍ତି, ଅମଳ ଅନୁସାରେ ବିକ୍ରି ପାଇଁ ଏଠାରେ ବଜାର ବ୍ୟବସ୍ଥା ନ ଥିବା ବେଳେ ପଡୋଶୀ ରାଜ୍ୟରେ ବିକ୍ରି କରିବାକୁ ପଡୁଛି। ଏହି ଜିଲାର ୨୧ଟି ସ୍ଥାନରେ ଟସର ଚାଷୀ ସମବାୟ ସମିତି ରହଛି। ପ୍ରାୟ ୭ ହଜାରରୁ ଅଧିକ ଚାଷୀ ଏହି ଚାଷ ଦ୍ୱାରା ଲାଭବାନ ହୋଇ ପାରୁଛନ୍ତି। ଜିଲାରେ ଏକ ଟସର ଶିଳ୍ପ ପ୍ରତିଷ୍ଠା କରାଗଲେ ଚାଷୀମାନଙ୍କ ଏଥିପ୍ରତି ଅଧିକ ଆଗ୍ରହ ବଢ଼ିବା ସହିତ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇପାରିବ। ଏବଂ ଏହି ଚାଷ ମାଧ୍ୟମରେ ଅନେକ ପରିବାର ଉପକୃତ ହୋଇପାରିବ। ଅନ୍ୟପକ୍ଷେ ଏହି ଚାଷ ଦ୍ୱାରା ଜଙ୍ଗଲ ସୃଷ୍ଟି ହେବା ସହିତ ଅନେକ ଲୋକଙ୍କ ପାଇଁ ଜାଳେଣି କାଠର  ଆବଶ୍ୟକତା ପୂରଣ ହୋଇପାରିବ।

**ବିଭିନ୍ନ ପ୍ରକାରର ରେଶମ:** ରେଶମ ମୁଖ୍ୟତଃ ୪ ପ୍ରକାରର। ସେଗୁଡ଼ିକ ହେଲା ତୁତ ରେଶମ, ମୁଗା ରେସମ,ଏଣ୍ଡିରେଶମ ଓ ଟସର ରେଶମ। ଓଡ଼ିଶା ଟସର ରେଶମ ପାଇଁ ପ୍ରସିଦ୍ଧ। କିନ୍ତୁ ଶିମିଳିପାଳ ଜୈବମଣ୍ଡଳୀୟ ରେଶମ ପୃଥିବୀ ପ୍ରସିଦ୍ଧ। ରେଶମ ପୋକ ତିଆରି କରୁଥିବା ଛୋଟ ଅଣ୍ଡା ପରି ଖୋଷାରୁ ରେଶମ ସୂତା ସଂଗ୍ରହ କରି ରେଶମ ଲୁଗା ବା ପୋଷାକ ପ୍ରସ୍ତୁତ କରାଯାଇଥାଏ। ଆମେ ଯେତେ ପ୍ରକାରର ପ୍ରାକୃତିକ ତନ୍ତୁରୁ ପୋଷାକ ତିଆରି କରୁ, ସେଥିମଧ୍ୟରୁ ରେଶମ ତନ୍ତୁ ସବୁଠାରୁ ମୂଲ୍ୟବାନ୍। ଏହାର ସଂଗ୍ରହ ଓ ପ୍ରସ୍ତୁତି ପ୍ରଣାଳୀ ମଧ୍ୟ ବ୍ୟୟସାପେକ୍ଷ। ଯେତେ ରେଶମ ଖୋଷା ମଧ୍ୟରୁ ଟସର ରେଶମ ଖୋଷା ସବୁଠାରୁ ବଡ଼।

**ଖୋଷା:** ଗୋଟିଏ ଗୋଟିଏ ଟସର ରେଶମ ଖୋଷାରୁ ପ୍ରାୟ ୭୦୦–୮୦୦ ମିଟରରୁ ଆରମ୍ଭ କରି ୧୨୦୦–୧୪୦୦ ମିଟର ପର୍ଯ୍ୟନ୍ତ ସୂତା ମିଳିଥାଏ। ଟସର ରେଶମ ଚାଷ ଜଙ୍ଗଲରେ କରାଯାଇଥାଏ। ଯେଉଁ ଜଙ୍ଗଲରେ ଟସର ପୋକ ଗଛରପତ୍ର ଖାଇ ବଞ୍ଚି ପାରୁଥିବାର ସୁବିଧାଥାଏ। ସେହି ଜଙ୍ଗଲରେ ଟସର ଚାଷ କରାଯାଏ। ଟସର ପୋକ ଅନେକ ପ୍ରକାର ଗଛର ପତ୍ର ଖାଇଥାଏ। ସେଗୁଡ଼ିକ ହେଉଛି ଶାଳ, ଅସନ, ଅର୍ଜୁନ, ସିଦ୍ଧ ଓ ବରକୋଳି ଇତ୍ୟାଦି। ବିଶେଷକରି ଅସନ ଓ ଅର୍ଜୁନ ଗଛ ପାଇଁ ସରକାରୀସ୍ତରରେ



ନିରଞ୍ଜନ ମଲ୍ଲିକ



ଚାଷୀମାନଙ୍କୁ  ପ୍ରୋତ୍ସାହନ, ସହଯୋଗ ତଥା ବୈଷୟିକ ସହାୟତା ଦେଇଥା'ନ୍ତି। ଗଛଗୁଡ଼ିକରେ ପତ୍ରଥିବା ସମୟରେ ଟସର ପୋକର ପ୍ରଥମ ଲାର୍ଭା ଆଣି ଗଛଗୁଡ଼ିକରେ ଛାଡ଼ି ଦିଆଯାଇଥାଏ। ଏହି ଟିକିଟିକି ଲାର୍ଭା ଗଛଗୁଡ଼ିକ ପତ୍ରଖାଇ ବଡ଼ ହୋଇଯାଆନ୍ତି। ଏପରି ବଡ଼ ହେବା ସମୟରେ ଏମାନଙ୍କ ଦେହରୁ ଚାରିଥର ଚୋପା ଛାଡ଼ିଥାଏ। ଏମିତିରେ ଲାର୍ଭା ଚାରୋଟି ଅବସ୍ଥା  ଅତିକ୍ରମ କରି ପଞ୍ଚମ ଅବସ୍ଥାରେ ପହଞ୍ଚେ। ଏତେବେଳେ ଏ ଲାର୍ଭା ବେଶ ବଡ଼ ହୋଇଯାଇଥାଏ। ଏହି ଲାର୍ଭା ତା' ପରେ  ପାଟିରୁ ଲାଳ ଝରାଇ ତା' ଚାରିପଟେ ଏକ ଖୋଷା ତିଆରି କରେ। ତା' ଭିତରେ ସେହି ଲାର୍ଭା ବେଶ ବଡ଼ ହୋଇଯାଇଥାଏ। ଆଉ ଗଛରେ ପତ୍ର ମଧ୍ୟ ଲଣ୍ଡା ହୋଇ ଯାଇଥାଏ। ଏହାକୁ ପ୍ୟୁପା କୁହାଯାଏ। ପ୍ରାୟ ଦୁଇମାସ ପରେ ଏ ଖୋଷା ମଧ୍ୟରୁ ମଥ୍ ଅଣ୍ଡା ଦେବାକୁ ଲାଗେ। ତା'ପରେ ଅଣ୍ଡାଗୁଡ଼ିକ  ଶାଗୁଦାନାଠାରୁ ସାମାନ୍ୟ  ବଡ଼। ମେଞ୍ଚା ମେଞ୍ଚା କରି ଏମାନେ ଅଣ୍ଡା ଦିଅନ୍ତି। ଏ ଅଣ୍ଡାଗୁଡ଼ିକ ଏକ କୋଠରି ମାଟିପାତ୍ର ମଧ୍ୟରେ ସଂଗ୍ରହ କରାଯାଏ। ଅଣ୍ଡାଗୁଡ଼ିକ ଫୁଟିଯିବା ପରେ ପୁଣି ଲାର୍ଭା ବାହାରନ୍ତି। ଲାର୍ଭାଗୁଡ଼ିକୁ ପୂର୍ବପରି ଗଛରେ ଛଡ଼ାଯାଏ। ଏପରି ଭାବେ ଟସର ପୋକର ଜୀବନ ଚାରୋଟି ଅବସ୍ଥା ଦେଇ ଗତିକରେ। ଏହା ଅଣ୍ଡା, ଲାର୍ଭା, ପ୍ୟୁପା ଓ ପୂର୍ଣ୍ଣାଙ୍ଗ ମଥ୍, ଯେଉଁ ଖୋଷାଗୁଡ଼ିକରୁ ସୂତା ବାହାର କରାଯାଇ ପୋଷାକପତ୍ର ପାଇଁ ସଞ୍ଚୟ କରାଯାଏ। ତେବେ ଏହି ଟସର ଚାଷ ଓ ଟସର ଲୁଗା ବିକ୍ରିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ଆଶକରାଯାଉଛି।  ଏଥିପାଇଁ ସୁନ୍ଦରଗଡ଼ ଜିଲାର ୧୦୦୦ ହେକ୍ଟର ଜାଗାରେ ପ୍ରାକୃତିକ ଅସନ,ଅର୍ଜୁନ ଗଛ ଥିବା ବେଳେ ପୁଣି ୫୦୦ ହେକ୍ଟର ଜାଗାରେ ଅସନ,ଅର୍ଜୁନ ଗଛ ରୋପଣ ହୋଇଛି। ଗୋଟିଏ ହେକ୍ଟର ପିଛା ହାରାହାରି ୧୮୦୦ଟି ଅସନ/ଅର୍ଜୁନଗଛ ରୋପଣ କରାଯାଇଛି। ଅନ୍ୟପକ୍ଷେ ଓଡ଼ିଶାର ଏହି ରେଶମ ଟସରକୁ ଅନ୍ତର୍ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ପାଇଁ ସରକାରୀସ୍ତରରେ  ପ୍ରୋତ୍ସାହନ ସହିତ ଚାଷୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ତାଲିମ ଶିକ୍ଷା ଦେବାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି।

**– ବନବିହାରୀ ବେହେରା, ଜୟନାରାୟଣ ମେଣ୍ଡୁଲି, ନୀଳାଦ୍ରି ଦଣ୍ଡପାଟ**








# ଖୁବ୍ ଡର ଥିଲା ପବ୍ଲିକ୍‌କୁ

**ଜୟ ମା' ଲକ୍ଷ୍ମୀ' ସିରିୟଲରୁ 'ସୁନ୍ଦରଗଡ଼ର ସଲ୍‌ମାନ ଖାଁ' ପର୍ଯ୍ୟନ୍ତ। ପୁଣି 'ଚୁମ୍ବକ' ୱେବ ସିରିଜ୍‌ରେ କିସିଂ ସିନ୍ ଦେଇ ଚର୍ଚ୍ଚାକୁ ଆସିଥିବା ଗ୍ଲାମର୍ସ ହିରୋଇନ୍ ଦିବ୍ୟା ମହାନ୍ତି ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ...**





**ଘର ଓ ପାଠପଢ଼ା**

ଭୁବନେଶ୍ୱରରେ ଘର ଆଉ ପାଠପଢ଼ା। ବାପା ବ୍ୟାଙ୍କରେ ଚାକିରି କରନ୍ତି, ମା' ଗୃହିଣୀ। ମତେ ସମସ୍ତେ ସ୍ନେହରେ ରିମ୍ପି ଡାକନ୍ତି।

**ଅଭିନେତ୍ରୀ ହେବାର ଯାତ୍ରା**

ଛୋଟ ବେଳୁ ମତେ ଲୋକ ଗହଳିକୁ ଡର ଲାଗେ। ଏମିତିକି ସ୍କୁଲ କଲେଜରେ ଭାଷଣ ଦେବାକୁ ବି ଡର ଲାଗୁଥିଲା। ବହୁତ ଲାଜୁଆ ସ୍ୱଭାବର ମଧ ଥିଲି। ତେଣୁ କେବେ ଭାବି ନ ଥିଲି ଅଭିନୟ ଜଗତକୁ ଆସିବି ବୋଲି। କେବଳ ମା'ଙ୍କ ପାଇଁ ମୁଁ ଅଭିନୟ ଜଗତକୁ ଆସିଛି। ତରଙ୍ଗ ଚ୍ୟାନେଲର ଜୟ ମା' ଲକ୍ଷ୍ମୀ ସିରିୟଲ ପାଇଁ ଅଡିସନ୍ ହେଉଥାଏ। ମା' ଏ ବିଷୟରେ ଜାଣିବା ପରେ ମତେ ଟ୍ରାଏ କରିବାକୁ କହିଥିଲେ। ଇଚ୍ଛା ନ ଥାଇ ମଧ ଅଡିସନ୍ ଦେଲି। ମତେ ସେତେବେଳେ ବୟସ ମାତ୍ର ୧୫ ବର୍ଷ। ବୋଧହୁଏ ଭାଗ୍ୟରେ ଥିଲା ଅଭିନେତ୍ରୀ ହେବା ପାଇଁ। ତେଣୁ ଅଡିସନ୍‌ରେ ମୁଁ ସିଲେକ୍ଟ ହେଇଗଲି। ସିଲେକ୍ଟ ହେବା ପରେ ମୋର ମନ ଏତେ ଦୁଃଖ ହେଇଥିଲା ଯେ ବହୁତ କାନ୍ଦିଲି। ମତେ ସମସ୍ତେ ବହୁତ ବୁଝାଇଲେ। ଶେଷରେ ୨୦୧୫ରେ ଜୟ ମା' ଲକ୍ଷ୍ମୀ ସିରିୟଲରେ ଅଭିନୟ ଆରମ୍ଭ କଲି। ଧୀରେ ଧୀରେ ଏଇ କାମ ପ୍ରତି ଭଲପାଇବା ଆସିଗଲା। ଏହାପରେ ତିନି ବର୍ଷ ସାଉଥ୍ ଇଣ୍ଡଷ୍ଟ୍ରୀରେ ସିରିୟଲରେ କାମ କଲି। ତା'ପରେ ୨୦୧୮ରେ 'ସୁନ୍ଦରଗଡ଼ର ସଲ୍‌ମାନ ଖାଁ' ଫିଲ୍ମର ଅଫର ମିଳିଲା। ଆଉ ମୁଁ ମୋ ପ୍ରିୟ ଅଭିନେତା ବାବୁସାନ୍‌ଙ୍କ ସହ କାମ କରିବାର ସୁଯୋଗ ପାଇଲି।

**ଖାଇବାକୁ ଭଲ ଲାଗେ**

ମତେ ଘର ଖାଦ୍ୟ ଖାଇବାକୁ ଭଲ ଲାଗେ। ଆଉ ଭଲ ରୋଷେଇ ବି କରିପାରେ। ଏକ ପ୍ରକାରର ବଏଲ ଫିଶ୍ ତରକାରି ଓ ଚିକେନ ମୁଁ ବେଶି ଭଲ ରାନ୍ଧିଥାଏ। ଆଉ ମ୍ୟାଗି ମୋର ବହୁତ ପସନ୍ଦ। ନିଜେ ତିଆରି କରି ଖାଏ। ଆଉ କାହା ହାତରନ୍ଧା ମ୍ୟାଗି ମତେ ପସନ୍ଦ ନୁହେଁ। ଆଉ ଏକ କଥା ଭୋକ ସମୟରେ ନ ଖାଇଲେ ମୋ ମୁଣ୍ଡ ଖରାପ ହେଇଯାଏ।

**ଫିଟ୍‌ନେସ୍ ପାଇଁ**

ପ୍ରତିଦିନ ଏକ୍ସରସାଇଜ କରିବାକୁ ସମୟ ମିଳେନି। ତଥାପି ଟ୍ରାଏ କରେ କିଛି କରିବାକୁ। ଆଉ ମତେ ଜିମିଂ ଓ ପିଲାଟେଜ୍ କରିବାକୁ ବହୁତ ଭଲ ଲାଗେ।

**ଅତି ନିଜର**

ମୋର କଜିନ ଭଉଣୀ କାଜଲ ଓ ଅଭିନେତ୍ରୀ ପୁନମ୍ ମୋର ବହୁତ ପ୍ରିୟ। ସେମାନଙ୍କ ସହ ମୁଁ ମୋର ସବୁ ସିକ୍ରେଟ୍ ଶେୟାର କରେ।

**ପ୍ରଥମ କ୍ରସ୍**

କ୍ରସ୍ ସିଦ୍ଧାର୍ଥ ମାଲହୋତ୍ରା। ଘର କାନ୍ଥରେ ତାଙ୍କ ଫଟୋ ଲଗାଉଥିଲି। ସାଙ୍ଗମାନେ ତାଙ୍କ ଫଟୋ ସହ ମୋ ଫଟୋ ଯୋଡୁଥିଲେ। ଏବେ ମାଚ୍ୟୁଓର ହେଇଗଲିଣି। ସେମିତି କେହି କ୍ରସ୍ ନାହାନ୍ତି। ତଥାପି ଏବେବି ମତେ ସିଦ୍ଧାର୍ଥ ଭଲ ଲାଗନ୍ତି।

– ଶିବାନୀ ମହାନ୍ତି

## 'ଚୁମ୍ବକ'ର କିସିଂ ସିନ୍

ହଁ, ମୁଁ ଲାଜୁଆ ସ୍ୱଭାବର। ହେଲେ ଜଣେ ଅଭିନେତ୍ରୀ। ଓଡିଶାରେ ପ୍ରଥମ କରି ଲେସ୍‌ବିୟାନ୍‌ଙ୍କ ଉପରେ ଆଧାରିତ ଏକ ବୋଲ୍ଡ ଟପିକ୍‌କୁ ନେଇ ଚଳଚ୍ଚିତ୍ର ହେଉଥିଲା। କିଛି କିସିଂ ସିନ୍ ଥିଲା। ତେଣୁ ପ୍ରଥମେ ମନା କରୁଥିଲି। ପରେ ଭାବିଲି ଅଭିନେତ୍ରୀଭାବେ ମତେ ସବୁ ପ୍ରକାରର ଅଭିନୟ କରିବା ଦରକାର। ଆଉ ମୋ ବାପା ମା' କହନ୍ତି, ଯଦି ତୋର କିଛି ପ୍ରୋବ୍ଲେମ୍ ନାହିଁ ଆଉ ତୁ କମ୍ଫର୍ଟେବୁଲ, ତେବେ କର। ତେଣୁ ମୁଁ ଏଥିରେ ଅଭିନୟ କରିବାକୁ ନିଷ୍ପତ୍ତି ନେଲି।

**ଲାଇଫ୍ ପାର୍ଟନର୍**

ଏବେ ତ ମୁଁ ମୋ କ୍ୟାରିୟରକୁ ଫୋକସ୍ କରୁଛି। ତଥାପି ମୁଁ ଚାହେଁ ମୋ ଲାଇଫ୍ ପାର୍ଟନର୍ ଯିଏ ହେବ ସେ ମତେ ଓ ମୋ କାମକୁ ଭଲ ପାଉଥିବ ଏବଂ ସମ୍ମାନ ଦେଉଥିବ।

**ଦୁର୍ବଳତା**

ମୁଁ ବହୁତ ଇମୋଶନାଲ। ବାହାରକୁ ଷ୍ଟ୍ରଙ୍ଗ ବୋଲି ଦେଖାଏ। କେହି ନ ପଚାରିଲେ, କଥା ନ ହେଲେ କେୟାର କରେନା ବୋଲି ଦେଖାଏ। କିନ୍ତୁ ସେସବୁ ମତେ ବହୁତ କଷ୍ଟ ଦିଏ।





# ଭାଷାତନ୍ତ୍ରୀର ସ୍ପନ୍ଦନ କବି ଗଜାନନ

**ଓଡ଼ିଆ ସାହିତ୍ୟ ତଥା ସାମାଜିକ ଜୀବନ କ୍ଷେତ୍ରରେ ଜଣେ ବ୍ୟତିକ୍ରମ ଗଜାନନ ମିଶ୍ର। କବି ହିସାବରେ ବହୁପ୍ରସୂ, ଓକିଲ ହିସାବରେ ପରିଶ୍ରମୀ ଓ ସଚ୍ଚୋଟ, ମଣିଷ ହିସାବରେ ଅକପଟ ସରଳ ପୁଣି ପ୍ରାଣବନ୍ତ ଓ ସମ୍ବେଦନଶୀଳ। କଥାରେ, ଲେଖନୀରେ, କାମରେ ଗଭୀର ଓ ନିଷ୍ଠାପର। ତାଙ୍କ ପାଇଁ ତାଙ୍କ ସିଦ୍ଧାନ୍ତ ହିଁ ତାଙ୍କ ସାଧନାର କ୍ଷେତ୍ର ଯାହା ଦିଗରୁ ଦିଗନ୍ତ ଯାଏଁ ପରିବ୍ୟାପ୍ତ...**

ଯିଏ କମନୀୟ କବିତା ଲେଖି କିଣି ନିଅନ୍ତି ଅଗଣିତ ପାଠକଙ୍କ ମନ, ସେ ପୁଣି ଓଡ଼ିଆ ଭାଷାର ଅସ୍ମିତା ପ୍ରତିଷ୍ଠା ପାଇଁ ଡାକ ଦିଅନ୍ତି ଉଦ୍ଦାତ୍ତ ସ୍ୱରରେ, ଓଡ଼ିଆ ଭାଷାରେ ଦାପ୍ତରିକ କାମ ହେଉ ବୋଲି କରିପାରନ୍ତି ଆମରଣ ଅନଶନ। ଯେ କବିତାର କାନ୍ତ କୋମଳ ଦୁନିଆରୁ ରସ ଖୋଜନ୍ତି ସେ ପୁଣି ଓଡ଼ିଆ ଭାଷାରେ ଓକିଲାତି ସପକ୍ଷରେ ବାଢ଼ନ୍ତି ବଜ୍ର କଠୋର ଯୁକ୍ତି। ଯିଏ ଓଡ଼ିଆ କବିତାରେ ଧୂରନ୍ଧର ସେ ପୁଣି କୋଶଳୀ କବିତାରେ ତିଆରି କରନ୍ତି ନୂଆ କଥ୍ୟ। ସେ ଆଉ କେହି ନୁହନ୍ତି କବି, ଭାଷା କର୍ମୀ, ଅଧିବକ୍ତା ଗଜାନନ ମିଶ୍ର। ପିତା ଭଗବାନ ମିଶ୍ର, ମାତା ରାଧିକା ଦେବୀଙ୍କ ସୁପୁତ୍ର ଗଜାନନଙ୍କ ଜନ୍ମ ଟିକାପାଲି, ପାଟଣାଗଡ଼, ବଲାଙ୍ଗୀର ଜିଲ୍ଲାରେ। ତିନି ଏପ୍ରିଲ, ୧୯୬୦ ମସିହାରେ। ଓଡ଼ିଆ ସାହିତ୍ୟ ତଥା ସାମାଜିକ ଜୀବନ କ୍ଷେତ୍ରରେ ଜଣେ ବ୍ୟତିକ୍ରମ ବ୍ୟକ୍ତିତ୍ୱ ସେ। କବି ହିସାବରେ ବହୁପ୍ରସୂ, ଓକିଲ ହିସାବରେ ପରିଶ୍ରମୀ ଓ ସଚ୍ଚୋଟ, ମଣିଷ ହିସାବରେ ଅକପଟ ସରଳ ପୁଣି ପ୍ରାଣବନ୍ତ ଓ ସମ୍ବେଦନଶୀଳ। କଥାରେ, ଲେଖନୀରେ, କାମରେ ଗଭୀର ଓ ନିଷ୍ଠାପର। ତାଙ୍କ ପାଇଁ ତାଙ୍କ ସିଦ୍ଧାନ୍ତ ହିଁ ତାଙ୍କ ସାଧନାର କ୍ଷେତ୍ର ଯାହା ଦିଗରୁ ଦିଗନ୍ତ ଯାଏଁ ପରିବ୍ୟାପ୍ତ। ତାଙ୍କର ସରଳ ସାବଲୀଳ ପ୍ରକାଶଭଙ୍ଗୀ ପଛରେ ଥାଏ ସ୍ୱଷ୍ଟତା ଓ ବ୍ୟଞ୍ଜନା। ଅଜସ୍ର କବିତା ରଚନା କରିଥିବା କବି ଗଜାନନ ସାହିତ୍ୟ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନାଁ । ତାଙ୍କର ଅନେକ କବିତା ହିନ୍ଦୀ ଭାଷାରେ ଅନୁଦିତ ହୋଇ ସର୍ବଭାରତୀୟ ସ୍ୱୀକୃତି ଲାଭ କରିଛି। ସର୍ବନାମ, ନଥିବା ଚିତ୍ର, ଷ୍ଟେସନ, କବିତାଘର, ଅହର୍ନିଶି, ଚରୈବେତୀ, ଗୋଟାପଣେ, କାଳକାଳ, ନାବ, ମହାରେଖା, ସଙ୍କେତ ଉଦ୍ଧବ, ପଞ୍ଚରାମା, କୁଶେର ପନା, ଦେଖନାବାଲା ଏକ୍ଲା, ଅମୃତସବୁ, ନଥିବା ଚିତ୍ର, ଅଗ୍ନିନୂଆଁ, ଓଡ଼ିଆରେ ଓକିଲାତି, ଅବ୍ୟୟ, ଦେୱାନୀ ଏବଂ ଫୌଜଦାରୀ, ଅନଲି ହିଅର ଏବଂ କଣ୍ଟିଲୋ ଭାୟା ଭଳି ଅନେକ ପୁସ୍ତକ ତାଙ୍କ ସର୍ଜନଶୀଳତାର ସ୍ୱାକ୍ଷର ବହନ କରେ। ସର୍ଜନା କ୍ଷେତ୍ରରେ ନିଜର ଅବଦାନ ପାଇଁ ଗଜାନନ ମିଶ୍ର ଅନେକ ସାହିତ୍ୟାନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ । ସେ ମଧ୍ୟ କୋଶଳୀ ଭାଷାରେ ରଚନା କରିଛନ୍ତି ଅନେକ ସାର୍ଥକ କବିତା । ଗଦ୍ୟ ରୀତିରେ କୋଶଳୀ ଭାଷାରେ କରିଛନ୍ତି ଅନେକ ପରୀକ୍ଷା ନିରୀକ୍ଷା । ଏ ସବୁ ବାଦ ଗଜାନନ ମିଶ୍ର ଜଣେ ଭାଷା କର୍ମୀ । ଭାଷା ଆନ୍ଦୋଳନରେ ଜଣେ ନେତା ଓ କର୍ମୀ ଭାବେ ସେ ଉତ୍ସର୍ଗ କରିଛନ୍ତି ସମୟ ଓ ବ୍ୟକ୍ତିଗତ ସ୍ୱାଚ୍ଛନ୍ଦ୍ୟ। ସାଧାରଣ ଓ ସରଳ ଢଙ୍ଗରେ ଦାବୀ କରନ୍ତି ଅଥଚ କାର୍ଯ୍ୟକାରି କରିବାକୁ ଅଡ଼ି ବସନ୍ତି ସେ ଦୃଢ଼ ଭାବରେ। କୁହନ୍ତି ,'ମୋ ଦାବି ଛୋଟିଆ। ବିଦେଶୀ ଭାଷା ବୁଝି ପାରୁନି, ମୋ ଭାଷାରେ ଲେଖି କରିଦିଅ। ବାସ୍। ହେଉନି। ଟଙ୍କା ସୁନା ରୁପା ଚାକିରୀ ମାଗୁନି। ମୋ ଭାଷାରେ କଥାବାର୍ତ୍ତା କର । ସମ୍ବିଧାନ ତ ଏଇଟା କହୁଛି, ଆଇନ ତ ଏଇଟା କହୁଛି । କୋଉ ବଡ କଥା ମୋ ଦ୍ୱାରା କହି ହେଉଛି ଯେ !' ପୁଣି କୁହନ୍ତି ,'ଭାଷା ପାଇଁ ରାଜ୍ୟ। ଭାଷାହୀନ ଜୀବନ କି ଜୀବନ ! ଏଇଥିପାଇଁ ଅନଶନ ! ସମ୍ବିଧାନର ଅଷ୍ଟମ ସୂଚୀରେ ଇଂରାଜୀ ଭାଷାର ସ୍ଥାନ ନାହିଁ। ଇଂରାଜୀ କାହାର ଭାଷା ? ସେଇ ଉପନିବେଶବାଦୀ, ଶୋଷଣକାରୀ, ଲୁଣ୍ଠନକାରୀଙ୍କ ନୁହଁକ ? ଏଇ ବିଦେଶୀ ଭାଷା ଦ୍ୱାରା ଆମେ ସାର୍ବଭୌମ ଦେଶର ଲୋକଙ୍କୁ ଅନ୍ଧାରରେ ରଖି ଶୋଷି ଚାଲିଥିବା ?' ଓଡ଼ିଆ ଭାଷାରେ ବିଚାରକଙ୍କ ବିଚାର ଜାଣିବାର ଅଧିକାର ମହକିଲର ଅଛି ବୋଲି ସେ ଦୃଢୋକ୍ତି କରନ୍ତି । ସେଥିଲାଗି ସେ କେଶ ଲଢ଼ି ସଫଳ ହୋଇଛନ୍ତି । 'ଓଡ଼ିଆରେ ଓକିଲାତି' ନାମରେ ଏକ ବହି ଲେଖି ସେ ଭାଷା ଏବଂ ଓକିଲାତି କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି କରିଛନ୍ତି । ସରକାରୀ କାମ ଓଡ଼ିଆ ଭାଷାରେ ହେଉ ବୋଲି ବ୍ୟକ୍ତିଗତ ସୁଖସୁବିଧାକୁ ପଛରେ ପକେଇ ଅନଶନ କରିଛନ୍ତି ।

ବିତେଇ ଥିବା ସାରାଟା ଜୀବନରେ ଯେଉଁ ଅପ୍ରାପ୍ତି, ଅବସୋସ ଗଜାନନ ମିଶ୍ରଙ୍କୁ ଚିନ୍ତାଶୀଳ କରିଛି, ସେହି ଭିତ୍ତିରେ ସେ ତିଆରି କରିଛନ୍ତି ତାଙ୍କ ସ୍ୱପ୍ନ ତପୋବନ ଏକାଡେମୀ ନାଁରେ। ପିଲାଏ ପଢିବେ, ଗଢିହେବେ। ମୂଳଦୁଆ ଦୃଢ଼ ହେଲେ ନିବାସ ଆପେ ଶକ୍ତ ହେବ, ଏହି ସ୍ୱପ୍ନରେ ତାଙ୍କ ସ୍ୱପ୍ନର ବିଦ୍ୟାଳୟ ତପୋବନ ଏକାଡେମୀ ଯାହାକୁ ସେ ଆରମ୍ଭ କରିଛନ୍ତି ଏଇ ଦୁଇ ବର୍ଷ ହେଲା ସିରୋଲ, ଟିଟିଲାଗଡ଼ରେ। ଏକାଡ଼େମୀର ଜନକ ଭାବରେ ସେ କୁହନ୍ତି , 'ସୃଜନଶୀଳତାର ପ୍ରତୀକ ହେବ ତପୋବନ ଏକାଡେମୀ। ଭାଷାର ପ୍ରତିବନ୍ଧକ ନ ଥିବ। ବହୁତ ଭାଷା ଉପରେ ଗବେଷଣା ଚାଲିବ। ଭାଷା ତ ମାତ୍ର ଗୋଟିଏ ମାଧ୍ୟମ ନିଜକୁ ପ୍ରକାଶ କରିବାର। ମଣିଷତ୍ୱ ଖୋଜା ଚାଲିବ। ମଣିଷ ଗଢା କାରଖାନା ହେବ। ନିଶ୍ଚୟ ହେବ। ବିଶ୍ୱକୁ ନୂଆ ରୂପରେ ଦେଖେଇବ ତପୋବନ ଏକାଡେମୀ। ପ୍ରେମମୟ ଜୀବନ, ଶାନ୍ତି ପୂର୍ଣ୍ଣ ଜୀବନଶୈଳୀ, ପ୍ରକୃତିର ନିକଟତର ହୋଇ ବଞ୍ଚିବାର ମାନେ ବୁଝାଯିବ।'

**-ମାନମୟୀ ରଥ**
ସେଣ୍ଟଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ
ମୋ-୭୯୭୮୫୭୯୩୯୯















## ବାଟ

-ରଶ୍ମି ମହାପାତ୍ର

କେବେ ଓଲଟା ତ କେବେ ସିଧା
ଧଡିରୁ କାନିରୁ ଚିହ୍ନିନୁ ?
ଧଡି ଧାରେ ଧାରେ ଯାଏ
ସୀମାକୁ ସମ୍ଭାଳେ
କାନି ପାରିଦିଏ ଆବୋରି ନିଏ
ପୂରା ପୃଥିବୀଟା,

ଦଶହାତି କମ୍ କିଛି ନୁହେଁ
ଗୁଡେଇ ହେଉଛୁ ହୁଅ
କ'ଣ ଲୁଚୁଛି ଯେ ଲୁଚାଉଛୁ
ଆଖିବନ୍ଦ କଲେ ସିନା ତୁ ଅନ୍ଧାରରେ
ହେଲେ ତତେ କିଏ ନ ଦେଖୁଚି ?

ଦୁଆରୁ ଚିହ୍ନିବୁ ଘର
ତୁଠରୁ ଗାଁ ପରିମଳ
ଅନ୍ୟ କାହା ତକିଆ ଲୋଡନି
ମୁଣ୍ଡ ଦେଇ ଶୋଇବାକୁ
ଶୋଇଯାଆ ନିଜକୁ ଆଉଜି,

ଖରା ବର୍ଷା ଖୋଜି ଖୋଜି
ଉପରକୁ ଅନେଇ ଚାଲନି
ଝୁଣ୍ଟିବୁ ପଡିବୁ
ବଳାଗଣ୍ଠି ମୋଡି ହୋଇଗଲେ
ଢିଂକି କେମିତି କୁଟିବୁ ?

ଦୂରରୁ ଦିଶୁଛି ଆଲୁଅ
ପୋଛିପାରୁ ଅନ୍ଧାରର ଦୁଃଖ
ହୋଇପାରେ କାହା ସଜିଲ ଜଳନ୍ତା ଆଖି
ଝାଁପିନେବ ତୋ ଚିମୁଟାକ ସୁଖ
ପରଖିନେ  ଉଦ୍ଦେଶ୍ୟ
ସବୁ ଆଲୁଅ କି ବିଶ୍ୱସ୍ତ ?

ରାତି ବିତେ, କଥା ସରେ
ଫୁଲଗଛ ମରିଗଲେ
ଦୋଷୀ ହୁଏ ବାଲିଜନ୍ଦା,
କଳା ପିମ୍ପୁଡିଂକ ପରି କାମୁଡି ନଜାଣି
ଡଗଡଗ ଚାଲିରେ
ଯେତେକାଳ ଡରାଇବୁ ଡରା,

ଜଗୁଆଳୀ ଜଗେ କେତେ, କେତେ ଗିଳେ
ଅନ୍ଧାରରେ ବୁଲୁଥାଏ ବାଡି ସାଇଁ ସାଇଁ,
ହାତ ନାହିଁ ଗୋଡ ନାହିଁ
ବାଜିଗଲେ ଦୋଷ ନାହିଁ।

*ଏ-୨୦୨, ଦତ୍ତାନି*
*ଓଶିୱାରା, ମୁମ୍ବାଇ*
*ମୋ- ୯୩୨୪୯୬୮୭୮୯*

# କଅଁଳ ପ୍ରଜାପତି

-ସତ୍ୟବତୀ ସ୍ୱାଇଁ

ମା ଲୋ ଏବେତ ଉଠିପଡ଼। ଆଖିଖୋଲି ଦେଖ ସମସ୍ତେ କେତେ ଖୁସି !ଏମିତି ଗୋଟିଏ ଦିନପାଇଁ ତୁ ପରା ଅପେକ୍ଷା କରିଥିଲୁ? ଡାକ୍ତରଖାନା ବେଡ଼ରେ ଚିତ ହୋଇ ଶୋଇଛି, ପ୍ରଭା। ପ୍ରଭାର ବଡ଼ ଝିଅ ପିୟୁ,ବୟସ ପାଞ୍ଚ, ବେଡ଼ ଧାରରେ ଠିଆହୋଇ ହଲାଉଛି ତା ମାକୁ। ଯିଏ ଏଇ ମାତ୍ର ପ୍ରସୂତି ଗୃହରୁ ୱାର୍ଡକୁ ଫେରିଛି। ପିୟୁର ଜେଜେମା, ଜେଜେବାପା, ଦାଦା, ବାପା ତଳୁ ଉପର ଦୌଡା ଦୌଡ଼ି କରୁଛନ୍ତି। ପିଉସୀ ଚୁନି ନାନୀ କୋଳରେ ସଦ୍ୟଜାତ ଶିଶୁ। ପିୟୁ ଅଧୀର, ଅସ୍ଥିର, ଅବୁଝା ବି। ସମସ୍ତେ ଏମିତି ହେଉଛନ୍ତି କାହିଁକି? ଏଇ କେତେ ଦିନ ହେବ ମା ଭାରି କଷ୍ଟରେ ଥିଲା। ଶୁଖିକି ଡାଙ୍ଗ ହୋଇ ଯାଇଥିଲା। ରାତି ରାତି ଶୋଇପାରୁ ନଥିଲା। ପିୟୁକୁ କୋଳରେ ପୁରାଇ କେବଳ କାନ୍ଦୁଥିଲା। ପଚାରିଲେ କହୁଥିଲା "ତୋର ଏଥର ଯଦି ଭାଇ ନ ହୁଏ, ତୋ ବାବା ମୋତେ ରଖିବେ ନାହିଁ। ମାମୁଁ ଘରେ ନେଇ ଛାଡି ଦେଇ ଆସିବେ।

କାହିଁକି ଭଉଣୀ ହେଲେ କଣ ଅସୁବିଧା ? ଯିଏ ହେବ ସେତ ମୋତେ ଦିଦି ଡାକିବ, ମୋ ସଙ୍ଗେ ଖେଳିବ, ସେ କେବେ ଆସିବ ମା ? ପିୟୁର କୋମଳ ଜିଜ୍ଞାସା।। ଆସିବ ତ ନିଶ୍ଚୟ, ଆଉ କିଛିଦିନ ପରେ। ତିନି ତିନି ଟା ଝିଅ ହେଲା ପରେ ବି ପୁଅ ଆଶାରେ ତାକୁ ବାଧ କରା ଯାଉଛି ମା ହେବାକୁ। ଲାଗ ଲାଗ ପାଞ୍ଚ ବର୍ଷରେ ତିନିଟି ପିଲାର ମାଆ ହେବାରୁ ପ୍ରଭା ହଲୁଥିଲା ଯେପରି। ବଡ଼ ଝିଅଟିକୁ ଛାଡି ଆଉ ଦୁଇଟି ଝିଅ ଜନ୍ମ ପରେ ଅଯତ୍ନରୁ ମୃତ। ପିୟୁର ବାପା ସିମେଣ୍ଟ ଗୋଡି ଫେଣ୍ଟା ଦିନ ମଜୁରିଆଟିଏ । ଯାହା ରୋଜଗାର କରନ୍ତି ମଦ ପାଣିକୁ ନିଅଣ୍ଟ। ସେଥିରେ ତାଳ ପଡ଼ିଲା ପରି ମାଡ଼ ପ୍ରଭାର ନିତି ଦିନିଆଁ ଖାଦ୍ୟ। ପିୟୁ ବୁଝି ପାରେନି କେବଳ ବାପାମାନେ କଣ ମା'ଙ୍କୁ ମାରନ୍ତି? କାଇଁ ମା' ତ କେବେ ଦିନେ ବାପାଙ୍କୁ ମାରିନି ? ?

ପିୟୁର ପିଲା ମନ ତଳେ ଆକାଶର ତାରା ପରି ଅଗଣନୀୟ ପ୍ରଶ୍ନ। ମା କାହିଁକି ସବୁବେଳେ ଏକା ଜନ୍ମ କରୁଛି ? ବାପା କାଇଁ କରୁ ନାହାନ୍ତି ? ଏସବୁ ମା'ଙ୍କୁ ପଚାରିଲେ ମା' କହନ୍ତି, 'ପୁଅ ମାନେ କଣ ଜନ୍ମ କରନ୍ତି ?' ପିୟୁର ପିଲା ମଗଜରେ ଏକଥା ପଶି ପାରେନା। ଯଦି ମାଡ଼ ଖାଇବ ଝିଅ ! ପିଲା ଜନ୍ମ କରିବ ଝିଅ ! ଘର କାମ ବି କରିବ ଝିଅ !! ତେବେ ଜେଜେମା, ଜେଜେବାପା, ବାପା ସମସ୍ତେ କାହିଁକି 'ପୁଅ ପୁଅ' ହେଉଛନ୍ତି ? ଜେଜେମାଙ୍କୁ ପଚାରିଲେ, 'କୁହନ୍ତି ନାତି ମୋ କୁଳ ବଢାଇବ, ମୋ ବଉଁଶ ରକ୍ଷା କରିବ, ମୋ ପୁଅ ମୁହଁରେ ନିଆଁ ଦେବ ଓ ପିଣ୍ଡ ପକେଇବ। ଝିଅ କ'ଣ କରିବ ସେତ ପର ପରିବା। ନିଆଁ ! ନିଆଁ ଦେଲେ ତ ମୁହଁ ପୋଡିଯିବ ! ତେବେ ବି ପୁଅ ! ଝିଅ ସେ ନିଆଁ ଦେଇପାରିବନି କି ? ଜେଜେମା ଠୋ ଠୋ ହସି ଯାଉ ଯାଉ କହନ୍ତି 'ସବୁ ସେଇ ଜଗନ୍ନାଥ ହାତରେ। ଏଥରକ ତ ଅଣ୍ଡିରା କାଉର ମୁହଁ ଦେଖାଅ, ଠାକୁରେ।' ପିୟୁ ପୁଣି ଦ୍ୱନ୍ଦ୍ୱରେ ପଡେ। ଚକ ପରି ଗୋଲ ଗୋଲ ଆଖିଥିବା ସେ କାଳିଆ ମୁହାଁର ଫୋଟୋରେ ହାତ ଖୋଜେ। କାଇଁ ତୁମ ହାତ ! ତୁମର ତ ହାତ ନାହିଁ! ତୁମ ହାତରେ ସବୁ କେମିତି ରହିଲା ? ଏବେ ତ ମାର ପୁଅ ହେଇଛି। ସେ ଉଠୁନି କାହିଁକି ? ନର୍ସ ଆସି ଗୋଡ଼ଠାରୁ ମୁଣ୍ଡ ଯାଏ ଧଳା ଚଦରଟିଏ ଘୋଡାଇ ଦେଲେ। ବାପାଙ୍କୁ ଗାଳି ଦେଇ କହୁଥିଲେ 'ଅମଣିଷ ! ବାର ବାର ପିଲା ଜନ୍ମ କରାଇ କରାଇ ଖାଇବା ପିଇବା ଯତ୍ନ ନ ନେଇ ମାରିଦେଲ ଶେଷରେ ସ୍ତ୍ରୀଟାକୁ.....। ପିୟୁ ଚଦରଟାକୁ ମା' ଦେହରୁ ଟାଣି ଆଣି 'କହିଲା, ନାଇଁ ନାଇଁ ମୋ ମା' ମୁହଁ ଘୋଡେଇ ଶୁଏ ନାହିଁ। ତାକୁ ଅମୁହାଁ ଲାଗେ। ଉଠ୍ ନା ମା' ତୋର ପୁଅ ହେଇଛି, ମୋ ଭାଇ। ତୋତେ ଆଉ କେହି ମାରିବେ ନାହିଁ ମା' ମା'...ନର୍ସ ପିୟୁ ମୁହଁକୁ ଆଉଁସି କହିଲେ, 'ତୋ ମା' ଆଉ ଉଠିବେନିରେ ମା' ସେ ମରିଯାଇଛନ୍ତି'। ପିୟୁର କଅଁଳ ପ୍ରଜାପତି ମନ ତଳେ କୋମଳ ଜିଜ୍ଞାସାର ଢେଉ। ମଲେ ଉଠେନ୍ତିନି ? କୁଆଡେ ଯାଆନ୍ତି ? କେଉଁଠି ରୁହନ୍ତି ? ପୁଅ ପାଇଁ କଣ ମରିବାକୁ ପଡେ ? ମା' ପରି ପୁଅ ପାଇଁ ମୋତେ କ'ଣ ମରିବାକୁ ପଡିବ ଦିନେ ?

*-ବାଲିକୁଦା, ଜଗତ୍‌ସିଂହପୁର*
*ମୋ- ୯୯୩୮୦୭୯୦୬୪*



## ଗୁଡି

– ଶ୍ୟାମା କିଙ୍କର ମହାନ୍ତି

ଦିନେ
ଭାବିଥିଲି ଆହୁରି ଉଡିବି
ମନ ଭରିଲା ଯାଏଁ
କେହି ଜଣେ ଖସାଇ ନେଲା ତଳକୁ
ଚିତ୍କାର ଶୁଭିଲା,
ସୂତା ମୋର
ମାଂଜା ମୋର
ନଟେଇ ବି ମୋର
ସ୍ୱାଧୀନତା ....
ତୋର ପୁଣି ଗୋଟେ କଣ ?

ଆଉ ଦିନେ
ଇଛା ଇ ନ ଥିଲା ଉଡିବାର
ସେ କିନ୍ତୁ ଉଠାଇନେଲା ଛାତକୁ ,
ବାଁ ଡାହାଣ ଉପର ତଳ
ଉଡ଼ିଲି ପବନର ପ୍ରତିକୂଳେ,
ଚିଲ୍ଲେଇଲା, ଉଡ୍ ଆହୁରି ଉଡ୍
ଇଛା ଅନିଚ୍ଛା....
ତୋର ପୁଣି ଗୋଟେ କଣ ?

ରଙ୍ଗୀନ ଗୁଡ଼ିଟିଏ ମୁଁ
ମୋ ଜାଗା ସିଡିଘର ତଳେ
ନା ବଦଳେ ସେ
ନା ମୋ ଭାଗ୍ୟ ବଦଳେ !!

*-ମାର୍କଣ୍ଡେଶ୍ୱର ସାହି , ପୁରୀ*
*ମୋ-୯୮୬୧୧୯୧୩୮୦*




ରଣବୀର

## ରଣବୀରଙ୍କ ଲକି ନମ୍ବର

ରଣବୀର କପୁରଙ୍କର କେତୋଟି ସ୍ୱତନ୍ତ୍ର ଚଏସ୍ ରହିଛି। ବିଶେଷଭାବରେ ଗୋଟିଏ ସଂଖ୍ୟା ତାଙ୍କ ପାଇଁ ବେଶ୍ ଲକି ବୋଲି ସେ ଭାବନ୍ତି ଏବଂ ଅଧିକାଂଶ କ୍ଷେତ୍ରରେ ତାହାକୁ ଆଜି ମଧ୍ୟ ଉପଯୋଗ କରନ୍ତି। ତାହା କେତେ ଜାଣନ୍ତି ? ଆଠ (୮)। ହେଲେ ଏପରି ସ୍ପେଶାଲ ନମ୍ବର ପଛରେ ଏକ ରୋମାଞ୍ଚକର କଥା ରହିଛି। ଜୁଲାଇ ୮ ହେଉଛି ତାଙ୍କ ମା' ନିତୁ କପୁରଙ୍କ ଜନ୍ମଦିନ। ତେଣୁ ଏହି ଦିନକୁ ଆହୁରି ସ୍ମରଣୀୟ କରିବା ପାଇଁ ରଣବୀର ଏହି ସଂଖ୍ୟାକୁ ନିଜର ଲକି ନମ୍ବର ଭାବରେ ଚଏସ୍ କରିଛନ୍ତି। କେବଳ ସେତିକି ନୁହେଁ, ଯେତେବେଳେ ସେ ନିଜର ପ୍ରଥମ ଜିପ୍ କିଣିଲେ ସେତେବେଳେ ସେ ତାହାର ନମ୍ବର '୮' (ସିଙ୍ଗିଲ ଡିଜିଟ) ରଖିଥିଲେ। ନିତୁଙ୍କୁ ଭାରି ଭଲ ପାଆନ୍ତି ରଣବୀର। ଏପରିକି ଶୁଣିବାକୁ ମିଳେ ଯେ ଏବେ ମଧ୍ୟ ତାଙ୍କର ନଖ ନିତୁ ହିଁ କାଟିଥାଆନ୍ତି। ମିମିକ୍ରି କରିବା ରଣବୀରଙ୍କ ଆଉ ଏକ ସଉକ। ସେ ସବୁବେଳେ ଘରେ ପ୍ରସ୍ତୁତ ଖାଦ୍ୟ ଖାଇଥାଆନ୍ତି। ରଣବୀରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ସାୱରିୟାଁ' (୨୦୦୭)ରୁ। କିନ୍ତୁ ଏହାପୂର୍ବରୁ ସେ ରାଜୀବ କପୁରଙ୍କ ନିର୍ଦ୍ଦେଶିତ 'ପ୍ରେମ ଗ୍ରନ୍ଥ' ଏବଂ ପାପା ରିଷି କପୁରଙ୍କ ଅଭିନୀତ ଏବଂ ନିର୍ଦ୍ଦେଶିତ 'ଆ ଅବ୍ ଲୌଟ୍ ଚଲେଁ'ର ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରିଥିଲେ।


ଯାମି

## ଭାଗ୍ୟବତୀ ଯାମି

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି ଏକାଥରେ ଯାମି ଗୌତମଙ୍କୁ କେମିତି ତିନୋଟି ଅଫର ବ୍ୟାକ୍-ଟୁ-ବ୍ୟାକ୍ ମିଳିଛି। କେବଳ ସେତିକି ନୁହେଁ, ଏହାପୂର୍ବରୁ ସେ ତିନୋଟି ସିନେମା ସାଇନ୍ କରିସାରିଛନ୍ତି। ତେଣୁ ଏସବୁ ପାଇଁ ଡେଟ୍ ଖୋଜିବାରେ ବ୍ୟସ୍ତ ଅଛନ୍ତି ସେ। ଏଭଳି ଅଫର ସମ୍ପର୍କରେ ଯାମି କହନ୍ତି, 'ମୁଁ ଭାବୁଛି ଭାଗ୍ୟଦେବୀ ମୋ ପ୍ରତି ଏବେ ପ୍ରସନ୍ନ ଅଛନ୍ତି। ନ ହେଲେ ଏକାଥରେ ମୋ ହାତରେ ଏବେ ଛଅଟି ଫିଲ୍ମ ନ ଥାନ୍ତା। ହେଲେ ଏବେ ଡେଟ୍ ଆଡଜଷ୍ଟ କରିବା କଷ୍ଟକର ହେଉଛି। ତେଣୁ ବର୍ତ୍ତମାନ କୌଣସି ନୂଆ ଅଫର ସାଇନ କରିବି ନାହିଁ। କାରଣ ଏହି ପ୍ରୋଜେକ୍ଟଗୁଡିକର ଶୁଟିଂ ଶେଷ ହେଲା ବେଳକୁ ପାଖାପାଖି ଦୁଇ ବର୍ଷ ହୋଇଯିବ। ଏହି ଅଫରଗୁଡିକର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଥିବାରୁ ଏହାକୁ ହାତଛଡା କରିବାକୁ ଚାହିଁ ନ ଥିଲି।' ତେବେ ଏସବୁ ଫିଲ୍ମ ଯାମିଙ୍କ କ୍ୟାରିୟରକୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ହେଲେ ହିଁ ଜଣାପଡିବ।

## ନୀରବତା ଅନ୍ତରାଳେ...

ତାରା ସୁତାରିଆ ଏବେ ଗୋଟିଏ କଥାକୁ ନେଇ ଚୁପ୍ ରହୁଛନ୍ତି। ଯିଏ ଯେତେ ପଚାରିଲେ ମଧ୍ୟ କିଛି ଉତ୍ତର ଦେଉନାହାନ୍ତି। ଅତି ବାଧ୍ୟରେ କେବଳ ଏତିକି କହୁଛନ୍ତି ଯେ, 'ଏ ବିଷୟରେ ଯଦି ଆଦୌ ଆଲୋଚନା ନ କରନ୍ତି ତେବେ ତାହା ଭଲ ହେବ।'। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ତାରା। ହେଲେ ଏବେ ସେ ନିଜ ଆଫେୟାର୍ସ ପାଇଁ ଆଲୋଚନାର ଶିରୋନାମା ପାଲଟିଛନ୍ତି। ଆଦର ଜୈନଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଅଛି ବୋଲି ଶୁଣାଯାଉଛି। ଆଦର ହେଉଛନ୍ତି ରଣବୀର କପୁରଙ୍କ ସମ୍ପର୍କୀୟ, ଯିଏ କି ୨୦୧୭ରେ ରିଲିଜ ହୋଇଥିବା 'କୟେଦୀ ବନ୍ଦ'ରେ ଅଭିନୟ କରିଥିଲେ। ହେଲେ ଏପରି କଥାକୁ ନେଇ ସଫେଇ ଦେଇ ତାରା କହନ୍ତି, 'ଆପଣମାନେ ଯାହା ଶୁଣୁଛନ୍ତି ତାହା ମିଛ। ମୁଁ ବର୍ତ୍ତମାନ କେବଳ ଆକ୍ଟିଂ ଉପରେ ଫୋକସ କରୁଛି। ତେଣୁ ଏହି ସମୟରେ ଅନ୍ୟ କଥା ଚିନ୍ତା କରିବାକୁ ମୋ ନିକଟରେ ସମୟ ନାହିଁ।'ଆଉ ଏକ କଥା ଆମେରିକୀୟ ଫାଣ୍ଟାସି ଫିଲ୍ମ 'ଅଲ୍ଲାଦିନ୍'ରେ ଜସ୍ମିନ୍ ଭୂମିକା ପାଇଁ ପ୍ରଥମେ ତାରାଙ୍କୁ ଚଏସ କରାଯାଇଥିଲା। କିନ୍ତୁ ସେ ମନା କରିବାରୁ ଏହି ରୋଲ୍ ପାଇଁ ନାଓମି ସ୍କଟ୍‌ଙ୍କୁ ସାଇନ୍ କରାଯାଇଥିଲା।


ଭୂମିକା

## ମନ ମୋର କାଗଜ ଗୁଡ଼ି

ସତରେ, ଏ ମନ ଭାରି ଅମାନିଆ। କେତେବେଳେ କୁଆଡେ ଉଡିଯାଏ, ତାହା ଆକଳନ କରିବା କଷ୍ଟକର, ନୁହେଁ? ସତେଯେମିତି ଗୋଟିଏ କାଗଜ ଗୁଡି ପରି। ହଁ, ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡି'। ସୁମିତ୍ରା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ସମସ୍ତ କାମ ଶେଷ ହେବା ସହ ରିଲିଜ ଅପେକ୍ଷାରେ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ଶିବିର ପରିଡ଼ା ଏବଂ ବିବେକାନନ୍ଦ ବାରିକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଦେବଜ୍ୟୋତି ପାତ୍ର (ଦୀପୁ)। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ ସିନେମାର ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଭାବରେ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବା ପରେ ଏବେ ସେ ଏହି ହଟ୍ ସିଟ୍‌ରେ ବସିଛନ୍ତି। ଏଥିରେ ସଂଯୋଜିତ ତଥା ବସନ୍ତରାଜ ସାମଲ ଏବଂ ସୁବତ୍ର ସ୍ୱାଇଁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଦିବ୍ୟସିଂହ ରାୟଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ମାନସ ପଢ଼ିହାରୀ। ଏହାର ନାୟକ ଭୂମିକାରେ ଦେଖାଦେବେ ରାକେଶ ଏବଂ ତାଙ୍କର ନାୟିକା ସାଜିଛନ୍ତି ଚୁଲବୁଲି ଭୂମିକା। ଜିତୁ, ସୀମା, ଲିପୁନ୍, ସଞ୍ଜୀୟ, ଭକ୍ତି, ଜ୍ଞାନ, ପ୍ରୀତି, ନାଗେଶ, ଗୁଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

## ଏପ୍ରିଲକୁ ଅପେକ୍ଷା

ବଲିଉଡ୍‌ରେ ମିଷ୍ଟର ପରଫେକ୍ଟନିଷ୍ଟ ଭାବରେ ଆମୀର ଖାଁ ପରିଚିତ। କାରଣ ସେ ଦେଖିଚାହିଁ ସିନେମା ସାଇନ୍ କରନ୍ତି। ବର୍ଷକୁ ଗୋଟିଏ ହେଉ ପଛକେ ତାହା ସୁପରହିଟ୍ ହୋଇଥାଏ। ଏବେ ସେ ଅଭିନୟ କରିଥିବା 'ଲାଲ୍ ସିଂ ଚଢ଼ା'କୁ ନେଇ ଚର୍ଚ୍ଚା। କାରଣ ଏଥିରେ ତାଙ୍କ ବ୍ୟତୀତ କରୀନା କପୁର, ସାଉଥଷ୍ଟାର ନାଗା ଚୈତନ୍ୟ (ପ୍ରଥମ ହିନ୍ଦୀ ସିନେମା)ଙ୍କ ବ୍ୟତୀତ ଶାହରୁଖ ଏବଂ ସଲମାନଙ୍କୁ ଗେଷ୍ଟ ରୋଲ୍‌ରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଫିଲ୍ମଟିର ଶେଷରେ ରିଲିଜ ଡେଟ୍ ଫାଇନାଲ ହୋଇଛି। ଆସନ୍ତା ବର୍ଷ ଏପ୍ରିଲରେ ଏହି ଚିତ୍ରଟି ପରଦା ଉପରକୁ ଆସିବ। ୨୦୧୯ରେ ଏହାର ଟାଇଟଲ୍ ଘୋଷଣା କରାଯିବା ସହ ଫିଲ୍ମଟି ୨୦୨୦ ଖ୍ରୀଷ୍ଟମାସ ଅବସରରେ ମୁକ୍ତିଲଭା କରିଥାଆନ୍ତା। ହେଲେ କରୋନା ମହାମାରୀ ପାଇଁ ସବୁକିଛି ଅଡୁଆ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଆସନ୍ତାବର୍ଷ ଫେବୃୟାରୀ ୧୨ରେ ରିଲିଜ ହେବ ବୋଲି ଠିକ୍ ହୋଇଥିଲା। କିନ୍ତୁ ପୁଣିଥରେ ଏହାକୁ ପରିବର୍ତ୍ତନ କରାଯାଇ ଏପ୍ରିଲ ୧୪ ନିର୍ଦ୍ଧାରଣ କରାଯାଇଛି। ଏଥିରେ କରୀନାଙ୍କ ଚରିତ୍ରଟି ହେଲା ମୋନା ସିଂ। ଆଉ ଏକ କଥା। ଦୀର୍ଘ ତିନି ବର୍ଷ ପରେ ଆମୀରଙ୍କ ଫିଲ୍ମ ପରଦା ଉପରକୁ ଆସିବ।


କରୀନା


କିଆରା

## ଟେନସନ ପଛରେ...

କିଆରା ଆଡୱାନୀ ଏବେ ଟେନସନରେ। ନୂଆ କାହାଣୀଟି ଶୁଣିବା ପରେ ବେଶ୍ ଖୁସି ହୋଇଯାଇଥିଲେ। ହେଲେ ଏହା ଏକ ହରର ଫିଲ୍ମ ଜାଣିବା ପରେ ତାଙ୍କର ଖୁସି ମଉଳି ଯାଇଥିଲା। କାରଣ ସେ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଲା ଭୂତ। ଏକଦା ସେ ରହୁଥିବା ହୋଟେଲ ପାଖରେ ଭୂତ ଆତଯାତ କରୁଛି ବୋଲି ତାଙ୍କର ଜଣେ ସାଙ୍ଗ ତାଙ୍କୁ କହିଥିଲେ। ସେଦିନ ରାତିଟା ଯେନତେନ ପ୍ରକାରେ କାଟିଦେଇଥିଲେ କିଆରା। ପରଦିନ ସକାଳୁ ସେ ଆଉ ଏକ ହୋଟେଲକୁ ସିଫ୍ଟ କରିଥିଲେ। ଏ ନେଇ କିଆରା କହନ୍ତି, 'ସତ କଥା ହେଲା, ଭୂତ ନାଁ ଶୁଣିଲେ ମୋତେ ଭାରି ଭୟ ଲାଗେ। ଏହି ଫିଲ୍ମରେ ଭୂତ କିପରି ଜଣ ଜଣ କରି ମର୍ଡର କରୁଛି ଆଉ ତା' ପଛରେ କି କାହାଣୀ ରହିଛି ତାହାକୁ ନେଇ କାହାଣୀ ଗତି କରିଛି। ମୁଁ ସିନା ଏଥିରେ ଆକ୍ଟିଂ କରିବି ବୋଲି ହଁ ଭରିଛି, ହେଲେ ତାହାକୁ କିପରି ତୁଲାଇବି ସେ ନେଇ ମୋ ଟେନ୍‌ସନ୍ ବଢ଼ିଯାଇଛି। ଯାହା ହେଲେ ବି ମୋତେ ଏହି ଫିଲ୍ମ ପାଇଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡିବ।' ଏହି ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଜାନୁୟାରୀ ଶେଷ ସପ୍ତାହରୁ ଆରମ୍ଭ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ଜୁଗ୍ ଜୁଗ୍ ଜିୟୋ' ଆସନ୍ତା ବର୍ଷ ଜୁନ୍ ୨୪ରେ ମୁକ୍ତିଲାଭ କରିବ। ଏଥିରେ କିଆରାଙ୍କ ବ୍ୟତୀତ ବରୁଣ ଧାୱନ, ଅନୀଲ କପୁର ଏବଂ ନିତୁ କପୁର ମଧ୍ୟ ଅଭିନୟ କରିଛନ୍ତି।

ପ୍ରଥମ ରୋଜଗାର

# ରୋଜଗାର ଟଙ୍କା ଘରକୁ ପଠାଇଥିଲି



**ଶିକ୍ଷାବିତ୍ ତଥା ଗୀତିକାର କୃଷ୍ଣଚନ୍ଦ୍ର ମହଲା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଯାଜପୁର ଜିଲାର ଗୋପୀନାଥପୁର ଗାଁରେ ମୋର ଜନ୍ମ। ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟରୁ ୧୯୭୬ରେ ଏକାଦଶ ପାସ୍ କରିବା ପରେ ଏନ୍.ସି. କଲେଜରେ ପଢ଼ିଥିଲି। ସେଠାରୁ ଫିଜିକ୍ସ ଅନର୍ସରେ ବି.ଏସ୍‌ସି. ପାସ୍ କରିବା ପରେ ରାଧାନାଥ ଟ୍ରେନିଂ କଲେଜରେ ବି.ଇଡି. କଲି। ତା'ପରେ ମୋତେ ଶିକ୍ଷକ ଚାକିରି ମିଳିଗଲା। ୧୯୮୪ ମସିହା ଫେବୃୟାରୀ ୬ରେ କଳାହାଣ୍ଡି ଜିଲାର ଜୁନାଗଡ଼ ଅନ୍ତର୍ଗତ ସରକାରୀ ଉଚ୍ଚବିଦ୍ୟାଳୟ, କୁରୁଗୁଡ଼ାରେ ମୁଁ ପ୍ରଥମେ ଟିଜିଟି ଟିଚର୍ ଭାବେ ଯୋଗଦେଇଥିଲି। ସେତେବେଳେ ୪୧୦ ଥିଲା ବେସିକ୍ ଦରମା ଆଉ ଟିଏ, ଡିଏ ମିଶିକି ୮୬୮ ଟଙ୍କା ମୁଁ ପାଇଥିଲି ପ୍ରଥମ ଦରମା ଆକାରରେ। ସେହି ଟଙ୍କାରୁ କିଛି ନିଜ ହାତଖର୍ଚ୍ଚ ପାଇଁ ରଖି ବାକି ଟଙ୍କା ଘରକୁ ପଠାଇ ଦେଇଥିଲି। କାରଣ ଘରେ ବାପା, ବୋଉ ଆଉ ସାନ ଭଉଣୀ ରହୁଥିଲେ। ବାପା ଯେହେତୁ ଶିକ୍ଷା ବିଭାଗରେ ଚାକିରି କରୁଥିଲେ ତେଣୁ ଘରେ ମୋ ଟଙ୍କାର କିଛି ବି ଆବଶ୍ୟକତା ପଡୁ ନ ଥିଲା। ତଥାପି ମୋର କର୍ତ୍ତବ୍ୟ ଦୃଷ୍ଟିରୁ ପ୍ରତିମାସ ଘରକୁ କିଛି କିଛି ଟଙ୍କା ପଠାଇ ଦେଉଥିଲି। ତେବେ ଜୁନାଗଡ଼ରେ ୩ ବର୍ଷ ରହିବା ପରେ ଟାଙ୍ଗୀକୁ ମୋର ବଦଳି ହୋଇଥିଲା। ଟାଙ୍ଗୀରେ ବି ୩ ବର୍ଷ ରହିବା ପରେ ସମ୍ବଲପୁର ବଦଳି ହୋଇ ସେଠାରେ ପ୍ରାୟ ୧୮ ବର୍ଷ ଶିକ୍ଷକତା କରିଥିଲି। ତା'ପରେ ପ୍ରମୋଶନ ପାଇ ହେଡ୍‌ମାଷ୍ଟର ଭାବେ ସରକାରୀ ଉଚ୍ଚବିଦ୍ୟାଳୟ, କୋଣାର୍କରେ ଯୋଗଦେଇଥିଲି। ଏଠି ବି ୩ ବର୍ଷ ବିତିବା ପରେ ସେହି ହେଡ୍‌ମାଷ୍ଟର ପଦବୀରେ ଯାଇ ଘଟଗାଁ ବାଳିକା ଉଚ୍ଚବିଦ୍ୟାଳୟରେ ଯୋଗଦେଇଥିଲି। ପୁଣି ୩ ବର୍ଷ ପରେ ମୋର ପ୍ରମୋଶନ ହେଲା ଆଉ ମୁଁ କ୍ଲାସ୍ ଟୁ ଗେଜେଟେଡ୍ ପୋଷ୍ଟରେ ମାଲପଡ଼ା ହାୟର୍ ସେକେଣ୍ଡାରୀ ସ୍କୁଲ୍, ବଲାଙ୍ଗୀରରେ ଯାଇ ପ୍ରିନ୍ସିପାଲ୍ ଇନ୍‌ଚାର୍ଜ ଭାବେ ଯୋଗଦେଲି। ସେଠି ୫ ବର୍ଷ କାମ କରିବା ପରେ ପୁଣି ପ୍ରମୋଶନ ପାଇ ସ୍କୁଲ୍ ଇନ୍‌ସ୍ପେକ୍ଟର ଭାବେ ରାୟଗଡ଼ା ଗଲି ଆଉ ସେଠାରେ ୨ ବର୍ଷ କାମ କରି ଶେଷରେ ୨୦୨୦ ଏପ୍ରିଲ୍ ୩୦ରେ ଚାକିରିରୁ ଅବସର ନେଇଥିଲି। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାବାଦ୍ ମୁଁ କବିତା ଓ ଗୀତ ଇତ୍ୟାଦି ବି ଲେଖିଥାଏ। କଲେଜ ପଢ଼ାବେଳେ କଲେଜ ମାଗାଜିନ୍‌ରେ ପ୍ରଥମେ ମୋର ଏକ କବିତା ପ୍ରକାଶ ପାଇଥିଲା ; ଆଉ ତାହା ସମସ୍ତଙ୍କୁ ଏତେ ଭଲ ଲାଗିଥିଲା ଯେ ମୋତେ ସେ ସମୟରେ ଅନେକ ପ୍ରଶଂସା ମିଳିଥିଲା। ବାସ୍ ସେବେଠାରୁ ମୁଁ ଆଉ ପଛକୁ ଫେରି ଚାହିଁନି। ଅନେକ କବିତା ଲେଖିଛି ଆଉ ତାହା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ବି ହୋଇଛି। ଏଥିସହିତ ୟା'ଭିତରେ ମୁଁ ଅନେକ ଭଜନ ଓ ଆଧୁନିକ ଗୀତ ମଧ୍ୟ ଲେଖିଛି ; ଯାହାକୁ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଗାଇ ଶ୍ରୋତାଙ୍କର ମନ କିଣି ନେଇଛନ୍ତି। ଯେମିତି କି: 'ଆ ବଉଳ ଆ ମକର...'(ଅସୀମା ପଣ୍ଡା), 'ଘେନ ମା' ଅରଜି...' (କରୁଣାକର ସେଠୀ), 'ଶ୍ୟାମବନ୍ଧୁ ଭେଟ ନ ହେଲା...'(ତପୁ ମିଶ୍ର), 'ଜୟ ଜୟ ଦୁର୍ଗା ମା...'(ବନଜା ମିଶ୍ର, ଅର୍ପିତା ଚୌଧୁରୀ), କରୋନାରେ ମା' ଦୁର୍ଗାଙ୍କୁ ଆବାହନକୁ ନେଇ ଏକ ଭଜନ (ଶ୍ରୀଚରଣ ମହାନ୍ତି) 'ମିଠା ମିଠା ଜହ୍ନ ରାତି...'(ହ୍ୟୁମାନ ସାଗର), 'ପ୍ରେମ ସମ୍ପର୍କ...' (ଜ୍ୟୋତିର୍ମୟୀ, ସ୍ୱାଗତ ରଞ୍ଜନ)ଇତ୍ୟାଦି ହେଉଛି ଅନ୍ୟତମ। ଆଉ ଏହି ସବୁ ଗୀତ ଗୁଡ଼ିକ ୟୁଟ୍ୟୁବ୍‌ରେ ପ୍ରସାରିତ ହୋଇ ଶ୍ରୋତାଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି। ଏସବୁ ବାଦ୍ ମୁଁ ଇଂଲିଶ ଭାଷାରେ ଅନେକ ନିବନ୍ଧ ମଧ୍ୟ ଲେଖିଛି, ଆଉ ତାହା ବିଭିନ୍ନ ଇଂଲିଶ ଖବରକାଗଜ ଓ ଜର୍ନାଲ୍‌ରେ ପ୍ରକାଶ ପାଇ ମୋତେ ବହୁ ପାଠକୀୟ ପ୍ରଶଂସା ବି ମିଳିଛି।

# 'ମନରେ ମିଶିଲେ ମନ, ଜଣା ପଡେ ନାହିଁ ରାତି କି ଦିନ'



**ସାଥୀ**

**ପ୍ରଶ୍ନ**–ପ୍ରେମର ସୃଷ୍ଟି କେମିତି ହୁଏ ? ଏହାକୁ ନେଇ ଅନେକ ପ୍ରକାର କଥା ଶୁଣିବାକୁ ମିଳେ। ହେଲେ ପ୍ରକୃତରେ ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*–ଦୀପକ କୁମାର, କେନ୍ଦ୍ରାପଡା*

**ଉତ୍ତର :** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନେ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। 'ମନରେ ମିଶିଲେ ମନ, ଜଣା ପଡେ ନାହିଁ ରାତି କି ଦିନ'। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫଂ ଲଙ୍ଗ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି। କ'ଣ କରିବି ?

*–ରଞ୍ଜିତ କୁମାର, ତାଳଚେର*

**ଉତ୍ତର :**ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦ ଏଣ୍ଡ ହୋଇଯାଇଛି ବୋଲି ଧରିନିଅନ୍ତୁ। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଏବେ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି। କ'ଣ କରିବି ?

*–ଦିବାକର ସାହୁ, ରାଉରକେଲା*

**ଉତ୍ତର :** ଯଦି ଜାଣୁଛନ୍ତି କଥା ଏତେବାଟ ଆଗେଇ ଗଲାଣି ତେବେ ଡେରି କରୁଛନ୍ତି କିଆଁ ? ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ବାସ୍, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ହେଲେ ସାହସ ହେଉନି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ଅମିତାଭ ସାହୁ, କଟକ*

**ଉତ୍ତର :** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ସେଥିରୁ ଲାଗୁଛି ଯେ ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି। ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।

# ଟ୍ରେଣ୍ଡି ଷ୍ଟୋଲ୍



**ଶୀତ ଆରମ୍ଭ ହେବା ମାତ୍ରେ କୋଟ୍, ଜ୍ୟାକେଟ୍, ୱିଣ୍ଟର୍ କ୍ୟାପ୍, ଗ୍ଲୋଭ୍ସ ଇତ୍ୟାଦି ଶୀତବସ୍ତ୍ରର ଆବଶ୍ୟକତା ପଡ଼େ। ଏପରିକି କେହି କେହି ଷ୍ଟୋଲ୍‌ର ବ୍ୟବହାର ମଧ୍ୟ କରିଥା'ନ୍ତି। କାରଣ ଷ୍ଟୋଲ୍ ଆମକୁ ଶୀତରୁ ରକ୍ଷା କରିବା ସହ ଆମର ପର୍ସନାଲିଟିକୁ ବଢ଼ାଇବାରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ। ତେଣୁ ଏଠାରେ କିଛି ଟ୍ରେଣ୍ଡି ଷ୍ଟୋଲ୍ ସମ୍ପର୍କରେ ଉଲ୍ଲେଖ କରାଗଲା...**

**ଲିଓପାର୍ଡ ପ୍ରିଣ୍ଟ ଷ୍ଟୋଲ୍:** ଲିଓପାର୍ଡ ପ୍ରିଣ୍ଟ ଯେ କୌଣସି ଆଉଟ୍‌ଫିଟ୍‌କୁ ଡିଫରେଣ୍ଟ ଲୁକ୍ ଦେଇଥାଏ। ତେଣୁ ଶୀତ ଆସିଲା ମାତ୍ରେ ଲିଓପାର୍ଡ ପ୍ରିଣ୍ଟବାଲା ଷ୍ଟୋଲ୍‌ର ଚାହିଦା ଯୁବପିଢ଼ିଙ୍କ ଭିତରେ ଖୁବ୍ ବଢ଼ିଯାଏ । ଖାସ୍ କରି ଏହି ପ୍ରିଣ୍ଟର ଷ୍ଟୋଲ୍‌କୁ ଟ୍ରେଞ୍ଚ କୋଟ୍ କିମ୍ବା ଉଲେନ୍ ଟପ୍ସ ସହ ମ୍ୟାଚ୍ କରି ପିନ୍ଧିଲେ ଶୀତରୁ ରକ୍ଷା ମିଳିବା ସହ କ୍ଲାସି ଲୁକ୍ ମିଳିଥାଏ।



**ପମ୍ ପମ୍ ଷ୍ଟୋଲ୍:** ପମ୍ ପମ୍ ଡିଜାଇନ୍‌ର ଜୁଏଲେରି ଓ ଆଉଟ୍‌ଫିଟ୍ ବିଷୟରେ ତ ଆମେ ଜାଣିଛେ, ଏଥର ଟିକେ ପମ୍ ପମ୍ ଡିଜାଇନ୍‌ବାଲା ଷ୍ଟୋଲ୍ କଥା ଚିନ୍ତା କରିବା। ଏହା ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ। ବିଶେଷକରି ସିମ୍ପଲ୍ କାମ ହୋଇଥିବା ଉଲେନ୍ ଟପ୍ସ ସହ ଏହା ଭଲ ମାନିଥାଏ।

**ମଲ୍ଟିକଲର୍ ଷ୍ଟୋଲ୍:** ଆପଣ ଚାହିଁଲେ ମଲ୍ଟିକଲର୍ ଷ୍ଟୋଲ୍‌କୁ ବି ଶୀତଦିନେ ବ୍ୟବହାର କରିପାରିବେ। ଏହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତା'ଛଡ଼ା ଏହାକୁ ଯେକୌଣସି ଡ୍ରେସ୍ ସହ ମ୍ୟାଚିଂ କରି ବି ବ୍ୟବହାର କରିହୁଏ। ଆପଣ ଚାହିଁଲେ ଏହାକୁ ଉଲେନ୍ ଟପ୍ସ କିମ୍ବା ବ୍ଲେଜର୍ ଅବା ଶାଢ଼ି ସହିତ ବି ଟ୍ରାଏ କରିପାରିବେ। ସେହିପରି ଏହି ଗେଟ୍‌ଅପ୍ ସହିତ ଲଙ୍ଗ୍ ବୁଟ୍ସ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ।

**ଫ୍ଲୋରାଲ୍ ଡିଜାଇନ୍ ଷ୍ଟୋଲ୍:** ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ସବୁବେଳେ ରିଫ୍ରେଶିଙ୍ଗ୍ ଲୁକ୍ ଦେଇଥାଏ। ସେହି ଅନୁଯାୟୀ, ଫ୍ଲୋରାଲ୍ ଡିଜାଇନ୍‌ର ଷ୍ଟୋଲ୍ ବି ଲୁକ୍‌କୁ ଆଟ୍ରାକ୍ଟିଭ୍ କରିବା ସହ ଶୀତଦାଉରୁ ରକ୍ଷା କରିବାରେ ବି ଅନେକ ସାହାଯ୍ୟ କରିଥାଏ। ଖାସ୍ କରି ବେକ ଚାରିପଟେ ଏହି ଡିଜାଇନ୍‌ର ଷ୍ଟୋଲ୍‌କୁ ଷ୍ଟାଇଲିଶ୍ ଭାବେ କ୍ୟାରି କଲେ ଲୁକ୍ ଅଧିକ ସୁନ୍ଦର ଦେଖାଯାଇଥାଏ।

**ଏମ୍ବ୍ରୋଡୋରି ଷ୍ଟୋଲ୍:** ଏମ୍ବ୍ରୋଡୋରି କାମ ହୋଇଥିବା ଷ୍ଟୋଲ୍ ଯେକୌଣସି ଆଉଟ୍‌ଫିଟ୍‌କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଠିକ୍ ସେମିତି ଏମ୍ବ୍ରୋଡୋରି କାମ ହୋଇଥିବା ଷ୍ଟୋଲ୍ ବି ଲୁକ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ତେବେ ଏହି ଷ୍ଟାଇଲ୍‌ର ଷ୍ଟୋଲ୍‌କୁ ଖାସ୍ କରି ସାଲୱାର୍ କମିଜ୍ କିମ୍ବା ଲଙ୍ଗ୍ ସ୍କର୍ଟ ଓ ଟପ୍ସ ସହ ପେୟାର୍ କରି ପିନ୍ଧିଲେ ସୁନ୍ଦର ଦେଖାଯାଇଥାଏ।

**ଫକ୍ସ ଫର୍ ନେକ୍‌ୱାର୍ମର୍:** ଏହି ଷ୍ଟୋଲ୍ ମୁଖ୍ୟତଃ ଦେଖିବାକୁ ଲୋମଶ ଡିଜାଇନ୍‌ର ହୋଇଥାଏ, ଯାହାକୁ ଷ୍ଟାଇଲ୍‌ରେ ବେକ ଚାରିପଟେ ପକାଇଲେ ବେକ ଓ ଗାଲକୁ ବେଶ୍ କୋମଳ ଲାଗିବା ସହ ମଡର୍ନ ଲୁକ୍ ମିଳିଥାଏ। ତା' ସହିତ ଏହାକୁ ବ୍ୟବହାର କଲେ ଶରୀରକୁ ଉଷୁମ ବି ଲାଗିଥାଏ। ତେବେ ଏହି ଷ୍ଟାଇଲିଶ୍ ଷ୍ଟୋଲ୍‌କୁ ବ୍ଲେଜର୍, କୋଟ୍ କିମ୍ବା ପାର୍ଟି ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।







ଅଲିଶା



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ ଫଟୋଗ୍ରାଫୀ

## ହାଃ ହାଃ

### ଅବସ୍ଥା

ଜ୍ୱାଇଁ ଶ୍ୱଶୁରଙ୍କୁ: ଆପଣଙ୍କ ଝିଅ ମୋ ଜୀବନ ନର୍କ କରି ଦେଲାଣି।
ଶ୍ୱଶୁର: ଏତିକିରେ ଏମିତି ହଉଛ ଜ୍ୱାଇଁ ପୁଅ। ତମେ ଥରେ ମୋ କଥା ଭାବିଲ ମୋର କି' ଅବସ୍ଥା ହେଉଥିବ।
ଜ୍ୱାଇଁ: ବୁଝିପାରିଲିନି।
ଶ୍ୱଶୁର: ଯେଉଁ ଝିଅ ତୁମ ଜୀବନ ନର୍କ କରିଦେଇଛି, ତା'ର ମା'କୁ ମୁଁ ବାହା ହେଇଛି।

### ହଟ୍

ସ୍ତ୍ରୀ ସ୍ୱାମୀଙ୍କୁ: ହେଇଟି ଶୁଣୁଛ ଆଜି ତମେ ଅଫିସ୍‌ରୁ ଫେରିବାବେଳେ ଡିନର୍ ପାଇଁ କଣ ଗୋଟେ ହଟ୍ ଆଇଟମ୍ ଆଣିଥିବ।
ସ୍ୱାମୀ: ହଉ, ଠିକ ଅଛି।
ରାତିରେ ସ୍ୱାମୀ ଅଫିସ୍‌ରୁ ନିଜର ହଟ୍ ରିସେପ୍ସନିଷ୍ଟ ସହ ଫେରିବା ଦେଖି ସ୍ତ୍ରୀ: ଇଏ କିଏ ?
ସ୍ୱାମୀ: ହଟ୍ ଆଇଟମ୍। ତମେ ହିଁ ତ କହିଥିଲ ଆଣିବାକୁ। ୟାଙ୍କଠୁ ହଟ୍ ଆଇଟମ୍ ମୁଁ ଆଉ କିଛି ପାଇଲିନି।

### ଫିଙ୍ଗି ଦିଅନ୍ତି

ସ୍ତ୍ରୀ ସଜବାଜ ହେଇ ସ୍ୱାମୀଙ୍କୁ : ହେଇଟି ଦେଖିଲ, ମୁଁ କେମିତି ଦେଖାଯାଉଛି ?
ସ୍ୱାମୀ: ତମକୁ ଦେଖି ମୋର ଭାରି ଇଛା ହେଉଛି ତମକୁ ପାକିସ୍ତାନରେ ପକେଇ ଦେଇ ଆସନ୍ତି।
ସ୍ତ୍ରୀ: କ'ଣ କହିଲ ?
ସ୍ୱାମୀ: ଆରେ ତମେ ତ ପୁରା ବମ୍ ଲାଗୁଛ ବମ୍।

# ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ମାଜୁଲି





**ଇତିହାସର ଅନେକ ସ୍ମୃତି ଏବଂ ସଂସ୍କୃତିକୁ ଆଜିଯାଏ ନିଜ ଭିତରେ ସାଇତି ରଖିଥିବା ମାଜୁଲି ହେଉଛି ଏକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ। ଏଥିସହିତ ଏହା ଆସାମର ଏକ ସବୁଠୁ ବଡ଼ ଆକର୍ଷଣ। ତେବେ ମାଜୁଲି କେବଳ ଏକ ନଦୀରୁ ସୃଷ୍ଟି ହୋଇଥିବା ଦ୍ୱୀପ ଭାବେ ପରିଚିତ ତାହା ନୁହେଁ ବରଂ ଆସାମରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର କରାଇଥିବା ଏକ ଧାର୍ମିକ ପୀଠ ଭାବେ ମଧ୍ୟ ସୁପ୍ରସିଦ୍ଧ....**



**ଆ**ସାମରେ ଅବସ୍ଥିତ ମାଜୁଲି ହେଉଛି ଏକ ନଦୀ ଦ୍ୱୀପ। ବ୍ରହ୍ମପୁତ୍ର ନଦୀଦ୍ୱାରା ସୃଷ୍ଟି ହୋଇଥିବା ଏହି ଦ୍ୱୀପଟି ପୂର୍ବେ ପ୍ରାୟ ୮୮୦ ବର୍ଗ କି.ମି ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା। ପରବର୍ତ୍ତୀ ସମୟରେ ଏହାର କିଛି କିଛି ଅଂଶ ପୋତି ହୋଇପଡିବାରୁ ବର୍ତ୍ତମାନ ଏହାର ସୀମା ମାତ୍ର ୫୫୩ ବର୍ଗ କି.ମିରେ ସୀମିତ ରହିଛି। ପର୍ଯ୍ୟଟନ ଦୃଷ୍ଟି କୋଣରୁ ଦେଖିଲେ ମାଜୁଲିର ଆକାର ଛୋଟ ହୋଇପାରେ ସତ କିନ୍ତୁ ଏହାର ପ୍ରାକୃତିକ ସୁନ୍ଦରତା ନିମିଷକରେ କାହାକୁ ଆକର୍ଷିତ କରିବା ପାଇଁ ଯଥେଷ୍ଟ। ତା'ଛଡ଼ା ଏଠାରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ଦର୍ଶନୀୟ ସ୍ଥାନ। ଏପରିକି ଶୀତଦିନେ ଏଠାରେ ବିଭିନ୍ନ କିସମର ପକ୍ଷୀମାନଙ୍କୁ ଦେଖିବା ମଧ୍ୟ ନିଆରା ଆନନ୍ଦ ଦେଇଥାଏ ଆଗନ୍ତୁକଙ୍କୁ। ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ।

### କ'ଣ ଦେଖିବେ

ମାଜୁଲିର ସଂସ୍କୃତି ବେଶ୍ ଅନନ୍ୟ। ବର୍ଷସାରା ଏଠାରେ ବିଭିନ୍ନ ପ୍ରକାରର ଉତ୍ସବକୁ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏହି ଉତ୍ସବକୁ ଦେଖି କିଛିଟା ନିଆରା ଅନୁଭୂତି ହାସଲ କରିପାରିବେ। ତା'ଛଡ଼ା ମାଜୁଲିକୁ କେହି କେହି ପକ୍ଷୀମାନଙ୍କର ସ୍ୱର୍ଗ ବୋଲି ବି କହିଥାନ୍ତି। କାରଣ ଏଠାରେ ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗର ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ। ଏପରିକି ଶୀତ ଆରମ୍ଭ ହେବା ମାତ୍ରେ ଦେଶବିଦେଶରୁ ବହୁ ଭ୍ରମଣାଗତ ପକ୍ଷୀ ଏଠାକୁ ଉଡ଼ି ଆସି ଏଠାକାର ପରିବେଶକୁ ବେଶ୍ ରଙ୍ଗିନ କରି ଦେଇଥାନ୍ତି। ତେଣୁ ପକ୍ଷୀପ୍ରିୟ ଆଗନ୍ତୁକଙ୍କ ପାଇଁ ଶୀତଦିନେ ଏଠାକୁ ବୁଲିଯିବା ସବୁଠୁ ଅନୁକୂଳ ହୋଇଥାଏ। ସେହିପରି କୁହାଯାଏ, ମାଜୁଲିରେ କେତେକ ଛୋଟ ଛୋଟ ମଠ ଆଦି ବି ରହିଛି; ଯେଉଁଠାକୁ ବୁଲିଯାଇ ପର୍ଯ୍ୟଟକ ଅନେକ କିଛି ଅଜଣା ଅନୁଭୂତିକୁ ନିଜ ସାଙ୍ଗେ ଆଣିବା ସହ ସ୍ଥାନୀୟ ସଂସ୍କୃତିକୁ ନିକଟରୁ ଜାଣିବାର ସୁଯୋଗ ଲଭିପାରିବେ।

### ଫିଶିଂର ମଜା ନିଆରା

ଯେହେତୁ ଏହା ଏକ ଦ୍ୱୀପ ଏବଂ ଏହା ପାର୍ଶ୍ୱ ଦେଇ ନଦୀ ପ୍ରବାହିତ ହେଉଛି, ତେଣୁ ଏଠାରେ ମାଛ ଧରିବା ଏକ ସାଧାରଣ କଥା। ଏପରିକି ପର୍ଯ୍ୟଟକ ବି ଚାହିଁଲେ ଏଠାରେ ଫିଶିଂ ବା ମାଛ ଧରିବାର ନିଆରା ଆନନ୍ଦ ବି ନେଇପାରିବେ। ଯେଉଁମାନେ ଫିଶିଂ କରିବା ଜାଣି ନାହାନ୍ତି ସେମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦେବାର ବ୍ୟବସ୍ଥା ବି ଏଠାରେ ଉପଲବ୍ଧ।

### ସେରାମିକ୍ ପାତ୍ର ଏବଂ ହ୍ୟାଣ୍ଡଲୁମ୍ ବସ୍ତ୍ରର ରହିଛି ଆଦର

ମାଜୁଲିର ଅଧିବାସୀ ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରି ଚଳିଥାନ୍ତି। ଧାନଚାଷ ହେଉଛି ଏଠାକାର ମୁଖ୍ୟ ଚାଷ। ସୂଚନାନୁଯାୟୀ, ଏଠାରେ କୁଆଡ଼େ ପ୍ରାୟ ୧୦୦ କିସମର ଧାନ ଚାଷ ହୋଇଥାଏ। ସେହିପରି ମାଛ ଧରିବା ବି ଏଠାକାର ଅନ୍ୟତମ ବେଉସା। କ୍ଲେ ତଥା ସେରାମିକ୍‌ରେ ପାତ୍ର ଗଢିବା ଏବଂ ହ୍ୟାଣ୍ଡଲୁମ୍ ବସ୍ତ୍ର ତିଆରି କରିବାରେ ବି ସ୍ଥାନୀୟ ଲୋକେ ବେଶ୍ ପାରଙ୍ଗମ। ପର୍ଯ୍ୟଟକ ଚାହିଁଲେ ଏଠାରୁ ସୁଲଭ ଦରରେ ଏହି ସବୁ ଜିନିଷ କିଣିଆଣି ପାରିବେ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାକୁ ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ନଭେମ୍ବରରୁ ମାର୍ଚ୍ଚ ହେଉଛି ମାଜୁଲିକୁ ବୁଲିଯିବା ପାଇଁ ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି ମାଜୁଲିକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଆସାମର ଜୋରହାଟ୍‌ଠାରୁ ପ୍ରାୟ ୨୦ କି.ମି ଦୂରରେ ଥିବା ମାଜୁଲିକୁ ଯିବାପାଇଁ ହେଲେ ପର୍ଯ୍ୟଟକଙ୍କୁ ବସ୍ କିମ୍ବା ଟ୍ୟାକ୍ସି ଯୋଗେ ପ୍ରଥମେ ନିମତି ଘାଟ୍‌ରେ ପହଞ୍ଚିବାକୁ ପଡିବ। ତା'ପରେ ସେଠାରୁ ସ୍ୱତନ୍ତ୍ର ବୋଟ୍ ଯୋଗେ ନଦୀ ପାର୍ ହୋଇ ମାଜୁଲିରେ ପହଞ୍ଚିହେବ।

















# କୁନି ଝିଅର ଲିପ୍ ବାମ୍ ରେକର୍ଡ

ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ନାଁ ସାମିଲ କରିବାକୁ ଅନେକଙ୍କର ଇଚ୍ଛା ଥାଏ।  ଏହାକୁ ହାସିଲ କରିବା ପାଇଁ କେହି କେହି ନିଜ ଜୀବନର ଅଧିକାଂଶ ସମୟ ବିତାଇ ଦିଅନ୍ତି। କେହି କେହି ତ ବିପଦକୁ ବରଣ କରନ୍ତି, ପୁଣି କିଏ ଅନେକ ଟଙ୍କା ଖର୍ଚ୍ଚ କରନ୍ତି। ହେଲେ ଏକ କୁନି ଝିଅ ମାତ୍ର ୬ ବର୍ଷ ବୟସରେ ଏହି ରେକର୍ଡ ହାସଲ କରିବାରେ ସମର୍ଥ ହୋଇଛି। ସ୍କାରଲେଟ୍ ଆଶଲି ଚେଙ୍ଗ ନାମ୍ନୀ ଏହି କୁନି ଝିଅଟି ଲିପ୍ ବାମ୍ ପାଇଁ ପାଗଳ। ଖାଲି ସେ ନୁହେଁ ତା'ର ୮ ବର୍ଷୀୟା ଭଉଣୀ କେଲିନ୍ ମଧ୍ୟ ଲିପ୍ ବାମ୍‌କୁ ବହୁତ ଭଲ ପାଆନ୍ତି। ଆଉ ସେମାନଙ୍କ ଭଲ ପାଇବା ଏତେ ଯେ, ଘରେ ଲିପ୍ ବାମ୍‌ର ଏକ ବଡ଼ ସଂଗ୍ରହ ରଖିଛନ୍ତି। ୩,୩୮୮ ଟି ବିଭିନ୍ନ ପ୍ରକାରର, ବିଭିନ୍ନ ରଙ୍ଗର, ଟକ୍ସଚର୍ ଓ ଶେପ୍‌ର ଲିପ୍ ବାମ୍ ସେମାନଙ୍କ ପାଖରେ ଅଛି। ବିଭିନ୍ନ ନାମୀଦାମୀ ବ୍ରାଣ୍ଡ ଯେମିତିକି  ସ୍କିଟଲ୍ସ, ଛୁପା ଛୁପ, ବର୍ଟସ୍ ବିସ୍, ଇଓସ୍, ହମ୍ବଲ, ନିଭିଆର ଲିପ୍ ବାମ୍ ବି ତାଙ୍କ ସଂଗ୍ରହରେ ରହିଛି। ସ୍କାରଲେଟ୍ କହନ୍ତି, 'ଓଠ ସୁଖିବାବେଳେ ମା' ବାପା ଓ ଜେଜେମା' ଲିପ୍ ବାମ୍ ଲଗାଇଦେଉଥିଲେ। ଧୀରେ ଧୀରେ ଏଇ ଲିପ୍ ବାମ ପ୍ରତି ଭଲ ପାଇବା ଆରମ୍ଭ ହୋଇଗଲା। ଆଉ ବିଭିନ୍ନ ପ୍ରକାର ଫ୍ଲେଭର୍ ଓ ଡିଜାଇନ୍‌ର ଲିପ୍ ବାମ କିଣିବା ଆରମ୍ଭ କଲି। ଏବେ ଲିପ୍ ବାମ୍ ସଂଗ୍ରହ କରିବା ମୋର ହବି ପାଲଟିଗଲାଣି।' ତାଙ୍କର ଏଇ ଲିପ ବାମ୍ ସଂଗ୍ରହରେ କିଛି ବାମ୍‌ର ବାସ୍ନା ଓ ଟେଷ୍ଟ ବହୁତ ଭଲ ହୋଇଥାଏ। କୋକା କୋଲା, ଫାଣ୍ଟା ଫ୍ଲେଭର୍‌ର ବାମ୍ ତାଙ୍କର ବହୁତ ପ୍ରିୟ। ଏହି ସଂଗ୍ରହରେ ବାପାମା'ଙ୍କ ସହ ତାଙ୍କର କିଛି ସାଙ୍ଗ ବି ସହଯୋଗ କରିଛନ୍ତି।

## କାର୍ଟୁନ କର୍ନର



# ବେଶ ନୁହେଁ, ବିଚାର ବଦଳାନ୍ତୁ

ଉନ୍ନତ ବିଚାର ନାହିଁ ତ ଉତ୍ତମ ବ୍ୟକ୍ତିତ୍ୱ ବି ନାହିଁ। ସଂସାରର ପ୍ରତ୍ୟେକ ମଣିଷ ନିଜ ନିଜ ବିଚାରକୁ ନେଇ ବଞ୍ଚନ୍ତି । ସମସ୍ତେ ନିଜ ବିଚାରକୁ ଶତ ପ୍ରତିଶତ ଠିକ୍ ବୋଲି ଭାବି ବାଟ ଚାଲନ୍ତି। ଗୋଟିଏ ଚୋରକୁ 'ତୁ କାହିଁକି ଚୋରି କରୁଛୁ ?' ବୋଲି ପଚାରନ୍ତୁ । ସେ ନିଶ୍ଚେ ଚୋରି କରୁଥିବା ତା'ର ବୈଚାରିକ ସିଦ୍ଧାନ୍ତ ଉପରେ ଆପଣଙ୍କୁ ଗୁଡ଼ାଏ ଦାର୍ଶନିକ ଭାଷଣ ଶୁଣେଇଦେବ । ଅପରାଧୀ, ଡକାୟତ, ଠକ, ଟାଉଟର, ପରଘର ଭଙ୍ଗା ମଣିଷମାନଙ୍କର 'ବିଚାର'ଟି ଆମ୍ଭମାନଙ୍କ ପାଇଁ ଦୁର୍ବଳ ହୋଇପାରେ, କିନ୍ତୁ ସେମାନଙ୍କ ଦୃଷ୍ଟିରେ ଏ ବୃତ୍ତି ମୂଳରେ ଥିବା ସିଦ୍ଧାନ୍ତକୁ ସେମାନେ ଗୋଟାପଣେ ଠିକ୍ ବୋଲି ଆପଣଙ୍କୁ ବୁଝେଇଦେବେ।

ବିଚାର ଦୁଇ ପ୍ରକାରର। ଗୋଟିଏ ଭଲ ବା ଗଠନାତ୍ମକ। ଅନ୍ୟଟି ମନ୍ଦ ବା ଧ୍ୱଂସାତ୍ମକ। ନିଜ ସ୍ୱାର୍ଥକୁ ପଛରେ ପକାଇ ସମାଜର ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବା ଦୃଷ୍ଟିଭଙ୍ଗୀକୁ ଆମେ କେଉଁ ବିଚାର କହିବା ? ଏହା



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ



ନିଶ୍ଚେ ଦିବ୍ୟ ବିଚାର । ନିଜର ଏକମାତ୍ର ଶିଶୁ ପୁତ୍ରଟି ଜ୍ୱରରେ କମ୍ପୁଥିବା। ନିହାତି ଔଷଧ ଆଣି ତାକୁ ଖୁଆଇବାର ଆବଶ୍ୟକତା ଥିବାବେଳେ ଡକରା ଆସିବ– ଆସ ଭାଇ, ବନ୍ଧ ଭାଙ୍ଗି ଅମକ ଗାଁରେ ବନ୍ୟାପାଣି ପଶିଗଲାଣି। ଲୋକେ ପାଣି ଘେରରେ। ଚାଲ, ଉଦ୍ଧାର କରିବାକୁ ଯିବ। ଟିକେ ଟିକେ କଥାରେ ଗୋପବନ୍ଧୁଙ୍କ ଉଦାହରଣ ଦେଉଥିବା ଏବଂ ଜନ୍ମ ଜୟନ୍ତୀରେ ତାଙ୍କ ବିଷୟରେ ସଭା ସମିତିରେ ଗଳାଫଟାଇ ଭାଷଣ ଦେଉଥିବା ଏ ଯୁଗର କେତେଟା ବାପ ନିଜର ଜ୍ୱରାକ୍ରାନ୍ତ ପୁଅକୁ ରୋଗଶଯ୍ୟାରେ ଛାଡ଼ି ଦୁର୍ଗତଙ୍କ ଉଦ୍ଧାର ଲାଗି ଯାଇପାରିବେ, ଟିକେ ହାତ ଟେକିବେଟି ? କେବଳ ଗୋପବନ୍ଧୁଙ୍କ ପରି ବାପମାନେ ହିଁ ସମାଜର ହିତ ପାଇଁ ଏପରି ମହତ୍ କାମ କରିପାରନ୍ତି। ସାହି ପଡ଼ିଶାରେ ଏଭଳି ପିତୃତ୍ୱକୁ ଧିକ୍କାର କରୁଥିବାବେଳେ ଏହି ମହାମନାମାନଙ୍କ ମୁଖରୁ ଉନ୍ନତ ବୈଚାରିକ ସିଦ୍ଧାନ୍ତରେ ପରିପୁଷ୍ଟ ଉତ୍ତରଟିଏ ବାହାରି ଆସେ– ମୋର ଗୋଟିଏ ପୁଅ ମରିଗଲେ କ'ଣ ହେଲା, ତେଣେ ଅନେକ ପୁଅ ବଞ୍ଚିଗଲେ ନା !

ଏହାକୁ କୁହନ୍ତି ହିଁ ବିଚାର। ଗାନ୍ଧୀ, ଗୋପବନ୍ଧୁ ଆଜି ଯଦି ବଞ୍ଚି ରହିଛନ୍ତି, ତାହା କେବଳ ସେମାନଙ୍କର ସମୁନ୍ନତ ବିଚାର ନିମନ୍ତେ। ବିଚାର ହିଁ ମାନବକୁ ମାଧବରେ ପରିଣତ କରେ। ସ୍ୱାର୍ଥାନ୍ୱେଷୀ ବିଚାର ମଣିଷକୁ ପଶୁରେ ପରିଣତ କରେ। ଭ୍ରଷ୍ଟ ବିଚାର ମଣିଷକୁ ଅପରାଧୀ ସଜେଇଦିଏ । 'ବିଚାର' ଟି ଅନ୍ତର୍ମୁଖୀ । ବେଶଭୂଷା ବହିର୍ମୁଖୀ । ବିଚାର ବେଶଭୂଷା ବା ବାହ୍ୟ ପରିପାଟୀ ଉପରେ ନିର୍ଭର କରେନା । ବରଂ ବିଚାର ଦ୍ୱାରା ବେଶଭୂଷା ସାର୍ଥକ ରୂପନିଏ। ଗାଁ ମୁଣ୍ଡରେ ସ୍ଥାପିତ ହୋଇଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଦେଖି ଦିନେ ଜଣେ ଯୁବକ ଗୋପବନ୍ଧୁଙ୍କ ପରି ହେବାକୁ ଚେଷ୍ଟା କଲା । ଗୋପବନ୍ଧୁଙ୍କ ପରି ଅବିକଳ ଦାଢ଼ି ରଖିଲା– ଖଦଡ଼ ଲୁଗା ଆଦି ପିନ୍ଧିଲା। ଗାଁ ଗାଁ ବୁଲି ଲୋକମାନଙ୍କୁ ପଚାରିଲା– ମୁଁ ଏବେ ଗୋପବନ୍ଧୁଙ୍କ ପରି ଦିଶୁଛି ତ ? କିନ୍ତୁ ସଭିଏ ମନା କଲେ। ଯୁବକ ଜଣକ ପୁଣି ଥରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟକୁ ଗଲା। ଘରକୁ ଫେରିଲା। ଆଇନା ସମ୍ମୁଖରେ ଘଣ୍ଟା ଘଣ୍ଟା କାଳ ଠିଆ ହୋଇ ଗୋପବନ୍ଧୁଙ୍କ ପରି ଦେଖାଯିବା ପାଇଁ ବେଶଭୂଷାରେ ପୁଣି କିଛି ପରିବର୍ତ୍ତନ ଆଣିଲା। ପୁଣି ଗାଁ ଲୋକଙ୍କୁ ସେଇ ଏକା ପ୍ରଶ୍ନ ପଚାରିଲା– ଏଥର ମୁଁ ଗୋପବନ୍ଧୁଙ୍କ ପରି ଦେଖାଗଲି କି ନାହିଁ ? ଗାଁ ଲୋକେ ସଭିଏ ସମାନ ଉତ୍ତର ଦେଲେ– ନା। କିନ୍ତୁ ଯେଉଁ ଦିନ ଅପୂର୍ବ ସାହସ ଦେଖାଇ ଭରା ନଈକୁ ଲମ୍ଫ ପ୍ରଦାନ କରି ଜୀବନକୁ ବାଜି ଲଗାଇ ନଈରେ ଭାସି ଯାଉଥିବା ବାଳକ ଦ୍ୱୟଙ୍କୁ ଉଦ୍ଧାର କରି କୂଳକୁ ଆଣିଲା, ସେଇଦିନ ସମସ୍ତେ କହିଲେ– ହଁ, ଏବେ ତୁମେ ଗୋପବନ୍ଧୁଙ୍କ ପରି ଦେଖାଗଲ।

ଏବେ ଆମେ ନେତା–ଡ୍ରେସ୍ ପିନ୍ଧୁଛେ, କିନ୍ତୁ ନେତୃତ୍ୱ ବିଚାର ନାହିଁ। ସନ୍ଥତ୍ୱର ପୋଷାକ ପିନ୍ଧୁଛେ, କିନ୍ତୁ ସନ୍ଥ ବିଚାର ନାହିଁ । ସନ୍ଥତ୍ୱର ପରିପାଟୀ ତଳେ ରାଜ୍ କରୁଛି ସୈତାନର ବିଚାର।

ପାଠକେ! ଆମେ ଅନ୍ୟ କାହାକୁ ବଦଳାଇ ପାରିବା ନାହିଁ। ଦୁନିଆଟିକୁ ବଦଳାଇବାର ପ୍ରଚେଷ୍ଟା କରିବା ମୂର୍ଖାମି ମାତ୍ର । ଦୃଷ୍ଟି ବଦଳି ଗଲେ ସୃଷ୍ଟି ବଦଳି ଯିବ। ଆମ୍ଭର ଦୃଷ୍ଟି ବା ବିଚାର ବଦଳିବା ଦରକାର। ବିଚାର ଉନ୍ନତ, ନିଃସ୍ୱାର୍ଥପର ଏବଂ ଗଠନାତ୍ମକ ହେବା ଦରକାର। ଏପରି ବିଚାର ପୋଷଣ କଲେ ସାମାଜିକ ଜୀବନରେ ଜଣେ ଯେ ନିତାନ୍ତ ତଳିତଳାନ୍ତ ହୋଇଯିବ– ଏକଥା ଭାବିବା ଭୁଲ୍। ତେଲ ଲୁଣର ଦୁନିଆରେ ସାମୂହିକଭାବେ ସେ ଦରିଦ୍ର ପଦବାଚ୍ୟ ହୋଇପାରେ, କିନ୍ତୁ ଯୁଗ ଯୁଗକୁ ସେପରି ମହାପୁରୁଷମାନଙ୍କ ନାଁ ଚିରଭାସ୍ୱର ହୋଇ ରହେ । ସନ୍ଥକବି ଭୀମଭୋଇ ଆଜି ନାହାନ୍ତି ବୋଲି କେହି କହିପାରିବେ ନାହିଁ। ସେ ଆଜି ବି ସଂସଦ ସଦନରେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ବିଚାରକୁ ନେଇ ବଞ୍ଚିଛନ୍ତି। ବାସ୍ତବରେ ଆମେ ଈଶ୍ୱରଙ୍କଠାରୁ ମାଗିବା ଶିଖିନେ। ଆରେ ଭାଇ, ଜଗତଟା ଉଦ୍ଧାର ହେଲେ ଭୀମଭୋଇ ଉଦ୍ଧାର ହେବେ ନା ନାହିଁ? କିନ୍ତୁ ଏଠାରେ ଗୁରୁତ୍ୱପୂର୍ଣ୍ଣ ହେଉଛି ଭୀମଭୋଇଙ୍କ ଦୃଷ୍ଟିଭଙ୍ଗୀ ବା ବୃହତ୍ ବିଚାର। ଏପରି ନିଷ୍କାମ ଏବଂ ନିଷ୍କପଟ ବିଚାର ଯଦି ଗାଁ ବା ସହରର ଗୋଟିଏ ଗୋଟିଏ ମଣିଷଙ୍କ ମଗଜରେ ପଶିଯାଆନ୍ତା, ତେବେ ରାଇଜଟା ଅଚିରେ ରାମରାଜ୍ୟ ପାଲଟିଯାଆନ୍ତା ।

'ଦିବ୍ୟାଲୋକ ସନ୍ଧାନେ', ତେଲେଙ୍ଗାପେଣ୍ଠ, କଟକ,
ମୋ: ୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ଅନ୍ତହୀନ ପ୍ରତୀକ୍ଷା

**ଲେଖିକା– ସନ୍ତୋଷୀ ସ୍ୱାଇଁ**
**ପ୍ରକାଶକ–ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର**
**ମୂଲ୍ୟ–୧୨୦ଟଙ୍କା**

ଅନ୍ତହୀନ ପ୍ରତୀକ୍ଷା ସନ୍ତୋଷୀ ସ୍ୱାଇଁଙ୍କ ଗଳ୍ପ ସଂକଳନ। ଏଥିରେ ୧୫ଟି ଗଳ୍ପ ପ୍ରକାଶ ପାଇଛି। ଦ୍ୱିତୀୟ ଗଳ୍ପର ନାମ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି। ଗପରେ ରୂପାର ବାହାଘର କଥା ଏବଂ ମୁନୀ କିପରି ଯିବାକୁ ଆଗ୍ରହ ଦେଖାଇଛି ସେ ବିଷୟ ଏବଂ ଚାରୁଲତା ଆଦି ଚରିତ୍ରକୁ ଲେଖିକା ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। ସେ ପ୍ରତୀକ୍ଷା କେତେ ଯନ୍ତ୍ରଣା ଦାୟକ ସେ କଥା ଉକ୍ତ ଗପରେ ଚିତ୍ରଣ କରିଛନ୍ତି। ଗଳ୍ପ ରଚନା ଏକ ସୃଜନଶୀଳ କଳା । ହୃଦୟର ଆବେଗ, ମନର କଳ୍ପନା ଓ ବାସ୍ତବବାଦୀ ଆଭିମୁଖ୍ୟ ଏହି ଗଳ୍ପଗୁଡ଼ିକରେ ସ୍ଥାନୀତ । ଗାଳ୍ପିକା ତାଙ୍କ ବିବେକ ଅନୁସାରେ ଚରିତ୍ରଗୁଡ଼ିକୁ ବିଶ୍ଳେଷଣ କରିଛନ୍ତି। ଏହା ନିଶ୍ଚୟ ସମାଜର ଚେତନାରେ ଉତ୍ତରଣ ଘଟାଇ ପାରିବ। ଗଳ୍ପଗୁଡ଼ିକର ଭାବାବେଗ, ଶବ୍ଦଚୟନ, ଶୈଳୀ, ବିଷୟ ବିନ୍ୟାସ, ଚିତ୍ର, ଚାତୁରି, ବର୍ଣ୍ଣନା ବିଳାସ ଓ ପରିବେଷଣ ନିଶ୍ଚୟ ପାଠକଙ୍କୁ ଆଦୃତ କରିବ ।




### ଗଳ୍ପ ପ୍ରସଙ୍ଗ

**ଲେଖକ– ଡକ୍ଟର ଜନାର୍ଦ୍ଦନ ପାଣିଗ୍ରାହୀ**
**ପ୍ରକାଶକ– ଗ୍ରନ୍ଥ ମନ୍ଦିର, କଟକ**
**ମୂଲ୍ୟ– ୪୦୦ଟଙ୍କା**

ଗଳ୍ପ ପ୍ରସଙ୍ଗ ଜନାର୍ଦ୍ଦନ ପାଣିଗ୍ରାହୀଙ୍କ ପୁସ୍ତକ । କ୍ଷୁଦ୍ରଗଳ୍ପ ସାହିତ୍ୟର ଏକ ଜନପ୍ରିୟ ଓ କ୍ରମବର୍ଦ୍ଧିଷ୍ଣୁ ବିଭାଗ । ମୁହୂର୍ତ୍ତକୁ ସମ୍ବଳ କରି ସ୍ୱଳ୍ପୋକ୍ତି ମଧ୍ୟରେ ପ୍ରଲମ୍ବିତ ଜୀବନକୁ ଉପସ୍ଥାପନ କରିବା ଏହି ସାରସ୍ୱତ କଳାର ଲକ୍ଷ୍ୟ। ସୂଚନାତ୍ମକ ଓ ଇଙ୍ଗିତାତ୍ମକ ରୀତିରେ ଏହି କଳା ଜୀବନର ବହୁବିଧ ଅନୁଭୂତିକୁ ମୁହୂର୍ତ୍ତ ବିଶେଷର କେନ୍ଦ୍ରୀଭୂତ କରି ତାକୁ ସ୍ୱୀକାର କରିବାକୁ ତା'ର ଶକ୍ତି ବିନିଯୋଗ କରେ । ଊନବିଂଶ ଶତକର ବିଦାୟଲଗ୍ନରେ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟର ଭିତ୍ତିସ୍ଥାପନ ହୁଏ କଥା ସମ୍ରାଟ ଫକୀରମୋହନଙ୍କ କରକମଳରେ। କ୍ରମେକ୍ରମେ ନିର୍ମାଣ ପ୍ରକ୍ରିୟା ଅବ୍ୟାହତ ରହେ ଅଜସ୍ର ଶିଳ୍ପୀଙ୍କ ଶ୍ରମ ଓ ସାଧନା ମଧ୍ୟରେ। ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ବେଳକୁ ଏକ ସୁଦୃଶ୍ୟ ସାରସ୍ୱତ ହର୍ମ୍ୟ ରୂପେ ପ୍ରତିଷ୍ଠା ଲାଭ କରି ଏହି କଳା ଜାତୀୟସ୍ତରରେ ସାରସ୍ୱତ ରସ ପିପାସୁଙ୍କ ଦୃଷ୍ଟି ଆକର୍ଷଣ କରେ। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟର ସ୍ୱରୂପ ସମ୍ପର୍କରେ ଅବଗତ ହେବାକୁ କେହି ଆଗ୍ରହ ପ୍ରକାଶ କଲେ ପୁସ୍ତକଟି ନିଶ୍ଚୟ ମାର୍ଗଦର୍ଶକ ହେବ ଏଥିରେ ସନ୍ଦେହ ନାହିଁ।




### ଅନୁଗୀତା

**ଅନୁବାଦକ–ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**
**ପ୍ରକାଶକ–ଶକ୍ତି ପବ୍ଲିଶର୍ସ, କଟକ**
**ମୂଲ୍ୟ–୧୭୫ଟଙ୍କା**

ଅନୁଗୀତାର ଅନୁବାଦକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ । ଏଥିରେ ସୃଷ୍ଟିର ଜଟିଳ ରହସ୍ୟଗୁଡ଼ିକୁ ପୁରାତନ ଋଷି ପରମ୍ପରାରେ ଭାଷା ଓ ବାକ୍ୟାଳୀରେ ଉଦ୍‌ଘାଟନ କରାଯାଇଛି। ଏଥିରେ ଶ୍ରୀକୃଷ୍ଣଙ୍କୁ ପରମ ଚୈତନ୍ୟ ରୂପ ପରମେଶ୍ୱରଙ୍କର ବିଶେଷ ସୃଷ୍ଟି ବା ବିଶିଷ୍ଟ ସୃଷ୍ଟି ବୋଲି ସ୍ୱୀକାର କରାଯାଇଛି। ଅନୁଗୀତା ଶ୍ରୀମଦ୍‌ଭଗବଦ୍ ଗୀତାର ଏକ ପୂରକ ଗ୍ରନ୍ଥ ଅଟେ। ଏହାକୁ ଅନୁଶୀଳକନ କଲେ ମନୁଷ୍ୟର ବହୁ ଆଶଙ୍କାର ସମାଧାନ ସ୍ୱତଃ ହୋଇଥାଏ। ବସ୍ତୁତଃ ଅନୁଗୀତାକୁ ପଢ଼ି ବୁଝିବା ପରେ ଶ୍ରୀମଦ୍ ଭଗବଦ୍ ଗୀତାକୁ ପଢ଼ିବାର ଆନନ୍ଦ ବହୁଗୁଣିତ ହେବା ସହିତ ବୁଝିବା ମଧ୍ୟ ସରଳ ହୋଇଥାଏ। ଅନୁଗୀତାକୁ ପାଠକରି 'ଶ୍ରୀମଦ୍‌ଭଗବଦ୍‌ଗୀତା' ର ଅନେକ କ୍ଲିଷ୍ଟ ଅପୂର୍ଣ୍ଣ ସ୍ଥଳକୁ ବୁଝିବାରେ ସମର୍ଥ ହେବ । ଅନୁଗୀତାର ମାହାତ୍ମ୍ୟ ସର୍ବକାଳିକ ଏବଂ ଅଧ୍ୟାତ୍ମ୍ୟ ପ୍ରେମୀ ତଥା କୃଷ୍ଣ ରସପ୍ରେମୀ ପାଠକ ସମାଜ ପାଇଁ ଏହାର ଆବଶ୍ୟକତା ସବୁ ସମୟରେ ରହିଛି। ଏହା ଯେ କେହି ମୁକ୍ତ କଣ୍ଠରେ ସ୍ୱୀକାର କରିବ। ପୁସ୍ତକଟି ନିଶ୍ଚୟ ଆଧ୍ୟାତ୍ମିକ ଜଗତରେ ପଥିକୃତ୍ ସାବ୍ୟସ୍ତ ହେବ ଏଥିରେ ସନ୍ଦେହ ନାହିଁ।



ବ୍ୟାକ୍ ପେଜ୍

# ସାପ ଇୟରରିଂ



ସଉକ ସମସ୍ତଙ୍କର ଭିନ୍ନ ଭିନ୍ନ ହୋଇଥାଏ । ବେଳେବେଳେ କିଛି ସଉକ ପାଇଁ ଲୋକଙ୍କୁ ହନ୍ତସନ୍ତ ହେବାକୁ ବି ପଡିଥାଏ । ଯେମିତିକି ଆମେରିକା ପୋର୍ଟଲାଣ୍ଡରେ ରହୁଥିବା ଆଶଲୀ ଗ୍ଲୁଏଙ୍କ ସହ ହୋଇଥିଲା । ଆଶ୍‌ଲୀଙ୍କୁ ସାପ ପେଟ୍ ରଖିବାକୁ ବହୁତ ଭଲ ଲାଗେ । ତେଣୁ ସେ ଏକ ଛୋଟ ଅଜଗର ସାପ ପେଟ୍‌ଭାବେ ରଖିଥିଲେ । ନାଁ ତାର ବାର୍ଟ ରଖିଥିଲେ । ଦିନେ ସେ ଅଜଗର ସହ ଖେଳିବା ସମୟରେ ତାଙ୍କୁ ନିଜ କାନରେ କରିଥିବା ବଡ଼ ପିୟର୍ସିଂରେ ଇୟରରିଂଭାବେ ବ୍ୟବହାର କରିବାକୁ ଇଛା ହେଲା । ଆଉ ସାପଟିକୁ କାନର ସେହି ବଡ କଣାରେ ପୂରାଇଥିଲେ । ତେବେ ସାପଟି ଅଧା ପଶିବା ପରେ କାନ କଣାରେ ଫଶି ରହିଗଲା । ଆଉ ବାହାରିପାରିଲା ନାହିଁ। ପରିସ୍ଥିତି ଏମିତି ହେଲା ଯେ, ଆଶ୍‌ଲୀଙ୍କୁ ଡାକ୍ତରଖାନା ଯିବାକୁ ପଡିଲା ସାପକୁ କାନ କଣାରୁ ସୁରକ୍ଷିତ ବାହାର କରିବା ପାଇଁ। ବହୁ କଷ୍ଟରେ ଡାକ୍ତର ସାପଟିକୁ ବାହାର କରିବାରେ ସଫଳ ହେଲେ । ଆଶ୍‌ଲୀ କହନ୍ତି, ଏହି ଘଟଣାକୁ ସେ ଆଜୀବନ ଭୁଲି ପାରିବେ ନାହିଁ।







# ମହିଳାଙ୍କ ଦ୍ୱୀପ

ପୃଥିବୀରେ ଏମିତି ଅନେକ ଦ୍ୱୀପ ଅଛି ଯାହା ନିଜର ବିଶେଷତ୍ୱ ପାଇଁ ସାରା ପୃଥିବୀରେ ପରିଚିତ । ସେଥିମଧ୍ୟରେ ଅନ୍ୟତମ ହେଉଛି ଏସ୍ତୋନିଆର କିହ୍ନୁ ଦ୍ୱୀପ । ଏହା ମହିଳାଙ୍କ ଦ୍ୱୀପଭାବେ ପରିଚିତ । କାରଣ ଏଠାକାର ୩୦୦ ଜନସଂଖ୍ୟା ମଧ୍ୟରୁ ୯୦ ପ୍ରତିଶତ ହେଉଛନ୍ତି କେବଳ ମହିଳା । ଏଠାକାର ଅଳ୍ପ ସଂଖ୍ୟକ ପୁରୁଷମାନେ ମେନଲାଣ୍ଡ ଇସ୍ତୋନିଆକୁ ରୋଜଗାର ପାଇଁ ଚାଲି ଯାଆନ୍ତି। ତେଣୁ ଦ୍ୱୀପରେ କେବଳ ମହିଳାମାନେ ରହନ୍ତି। ଏହି ମହିଳାମାନେ ଘର ସମ୍ଭାଳିବା ସହ ବିବାହ କାର୍ଯ୍ୟ, ଅନ୍ତିମ ସଂସ୍କାର କାର୍ଯ୍ୟ ବି କରନ୍ତି। ତାସହ ଏମାନେ ନିଜର ସଂସ୍କୃତି ପରମ୍ପରାକୁ ବି ବଜାୟ ରଖିଛନ୍ତି। ନାଚ ଗୀତ ମଜା ମଜଲିସ୍‌ରେ ଏଠାକାର ମହିଳାଙ୍କ ସମୟ ବିତେ। ତାସହ ବିଭିନ୍ନ ଶିଳ୍ପକାରୀ କାର୍ଯ୍ୟ କରି କିଛି ରୋଜଗାର ବି କରନ୍ତି। ୟୁନେସ୍କୋରେ ଏହି ଦ୍ୱୀପ 'ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ ହେରିଟେଜ୍ ଅଫ୍ ହ୍ୟୁମାନିଟି' ତାଲିକାରେ ଅଛି।

# କୁମ୍ଭୀର କନିଆ

ବିବାହକୁ ସ୍ମରଣୀୟ କରିବା ପାଇଁ କିଏ କେତେପ୍ରକାରର ପନ୍ଥା ଆପଣେଇଥାନ୍ତି। କେହି କେହି ତ ଅଜବ ଓ ବିପଜ୍ଜନକ ରାସ୍ତା ଆପଣେଇବାକୁ ବି ପଛାନ୍ତି ନାହିଁ। ଆଉ ଏଭଳି ବିବାହ ସବୁବେଳେ ଚର୍ଚ୍ଚାରେ ରହିଥାଏ। ଯେମିତିକି ମେକ୍ସିକୋ ସେନ ପେଡ୍ରୋ ହୁଆମେଲୁଲାର ମେୟର ଭିକ୍ଟର ଏଗୁଇଲର୍‌ଙ୍କ ବିବାହ ଚର୍ଚ୍ଚାରେ ଥିଲା। ଏହି ବିବାହ ଚର୍ଚ୍ଚାରେ ରହିବାର କାରଣ ହେଉଛି ତାଙ୍କ କନିଆ। ଏଗୁଇଲର୍‌ଙ୍କ କନିଆ ସାଧାରଣ ଝିଅ ନ ଥିଲା। ସେଥିଲା ଏକ କୁମ୍ଭୀର। ଏହି ବିବାହରେ ଶହ ଶହ ଲୋକ ଯୋଗ ଦେଇଥିଲେ। କୁମ୍ଭୀରକୁ ଏକ ଧଳାରଙ୍ଗର ଗାଉନ ପିନ୍ଧା ଯାଇଥିଲା ଓ ମୁଣ୍ଡରେ ଫୁଲର କ୍ରାଉନ୍ ବି ପିନ୍ଧାଇ ସଜାଯାଇଥିଲା। ମେୟର ବ୍ୟାଣ୍ଡ ବାଜା ବାରାତ ସହ କୁମ୍ଭୀର କନିଆକୁ ବିବାହ କରିବା ପାଇଁ ପହଞ୍ଚିଥିଲେ। ବିବାହ ପରେ ଏକ ବଡ଼ ପାର୍ଟିର ଆୟୋଜନ ବି କରାଯାଇଥିଲା। ଅତିଥିଙ୍କୁ ଭିନ୍ନ ଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପରଷା ଯାଇଥିଲା। ପାରମ୍ପରିକ ମଦର ଆସର ବି ଜମିଥିଲା। ତେବେ ଏଭଳି ବିବାହ ପଛର କାରଣ କ'ଣ ଥିଲା ଜାଣିବାକୁ ନିଶ୍ଚୟ ଚହୁଁଥିବେ। ମେକ୍ସିକୋରେ ବଡ଼ ମାଛ ବ୍ୟାପାର ହୋଇଥାଏ। ବିଶ୍ୱାସ କରାଯାଏ କି କୁମ୍ଭୀର ସହ ବିବାହ କଲେ ପ୍ରଶାନ୍ତ ମହାସାଗରରେ ମାଛ ଓ ଅନ୍ୟ ସି' ଫୁଡର ସଂଖ୍ୟା ବଢିଥାଏ। ତେଣୁ କୁମ୍ଭୀରକୁ ବିବାହ କଲେ ସମସ୍ତଙ୍କର ଲାଭ ହେବ ବୋଲି ମନେକରି ଏଠାରେ ମେୟରଙ୍କୁ କୁମ୍ଭୀର ସହ ବିବାହ କରିବାକୁ ପଡିଥାଏ।

